# ଶାଳବନ୍‌ର ଜନ୍



ରଘୁନନ୍ଦନ ମିଶ୍ର

# ଶାଳ ବନର ଜନ୍

# ଶାଳ ବନର ଜନ୍

ରଘୁନନ୍ଦନ ମିଶ୍ର

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଭୁବନେଶ୍ୱର

# ଶାଳ ବନର ଜନ୍

ଲେଖକ :
ରଘୁନନ୍ଦନ ମିଶ୍ର
ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ
ଗ୍ରାମ-ଜଗନ୍ନାଥପୁର, ପୋ-କାକରୁଦ୍ରପୁର
ଥାନା-ବାଲିଅନ୍ତା, ଜିଲ୍ଲା-ଖୋର୍ଦ୍ଧା

ପ୍ରକାଶକ :
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ, ଓଡ଼ିଶା

ପ୍ରକାଶ କାଳ : ୨୦୧୮

ମୁଦ୍ରଣ :
କ୍ୟାପିଟାଲ ବିଜିନେସ୍ ସର୍ଭିସ୍ ଏଣ୍ଡ୍ କନ୍‌ସଲଟାନ୍‌ସି
ବି-୫୧, ଶହୀଦ ନଗର, ଭୁବନେଶ୍ୱର

ମୂଲ୍ୟ :

*ଟିଣ ବାଜା ପିଟି ସେ ଘଉଡାଏ ନଷ୍ଟ ଆତ୍ମା ।*
*ରାତି ଅନ୍ଧାରରେ ଟଙ୍ଗ୍ ଟଙ୍ଗଡା ବଜାଇ*
*ଖେତକୁ ଜଗି ବସେ । ରୁଧିର ଢାଳି*
*ଧର୍‌ତିନୀକୁ ତୁଷ୍ଟ କରେ । ଡୁଙ୍ଗ ଡୁଙ୍ଗାର*
*ମାଦକ ଧ୍ୱନୀ ରୋମାଞ୍ଚିତ ରାତିର ଛାତିରେ*
*ସ୍ୱପ୍ନ ଭରେ । ଢୋଲ ବାଇଦର ତାଳେ*
*ତାଳେ ଝୁମି ଝୁମି ଚଇତିଛୁଆଁ ମନ ଖୋଜିବୁଲେ*
*ମହୁଆ ଜୀବନ ।*

କବିତା ବୁଝୁ ନଥିବା କିନ୍ତୁ କବିତାରେ
ନିରନ୍ତର ଜିଉଁଥିବା ସେଇ ବିଭୋର
ମଣିଷଙ୍କ ହାତରେ ...

# ମୁଖବନ୍ଧ

ରଘୁନନ୍ଦନ ମିଶ୍ରଙ୍କ "ଶାଲବନ୍‌ର ଜନ୍" ଆଦିବାସୀ ଜୀବନ ଭିତ୍ତିକ କବିତା । ସେ ପାଠକ ମାନଙ୍କୁ ଭେଟି ଦେଇଛନ୍ତି ଆଦିବାସୀ ଜୀବନର ମହକ ଓ ମାଦକତା, ସେମାନଙ୍କ ପରମ୍ପରା, ପ୍ରେମ, ଚଇତି ରାତିର ଜହ୍ନ, ଅନ୍ଧାରର ଶାଳବଣ, ଏମିତି ଅନେକ କିଛି । ଚାକିରି ଜୀବନରେ ସାଉଁଟି ଥିବା କିଛି ଘଟଣା ତାଙ୍କ କବି ସତ୍ତାକୁ ଆନ୍ଦୋଳିତ କରିଛି ଏବଂ ସ୍ଥାନ ପାଇଛି ଏହି ପୁସ୍ତକରେ । ଓଡ଼ିଆ ଭାଷାରେ, ଆଦିବାସୀ, ଭାଷାକୁ ଫେଣ୍ଟି, ସେ ଏକ ତ୍ରିବେଣୀ ସୃଷ୍ଟି କରିବାକୁ ସକ୍ଷମ ହୋଇଛନ୍ତି ।

ଆଦିବାସୀ ଜୀବନ ଓ ସଂସ୍କୃତିର ପ୍ରସାର ପାଇଁ ତାଙ୍କର ପ୍ରତିବଦ୍ଧତା ମୋତେ ଅଭିଭୂତ କରିଛି ।

ପ୍ରଫେସର (ଡଃ) ଅଖିଳ ବିହାରୀ ଓତା
ସଦସ୍ୟ ସଚିବ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

# ସୂଚୀପତ୍ର


| କ୍ର.ନଂ. | ବିଷୟ | ପୃଷ୍ଠା |
|---|---|---|
| ୧. | ରାସ୍ତା ଚାଲୁ ଚାଲୁ ସୂର୍ଯ୍ୟ | ୧ |
| ୨. | ଶାଳବଣ, ସୋରିଷ କିଆରି ଓ ଜହ୍ନ | ୩ |
| ୩. | ଶାଳବଣ, ଜହ୍ନ ଓ ଡୁଙ୍ଗଡୁଙ୍ଗାର କବିତା | ୬ |
| ୪. | ଶାଲବନ୍‌ର ଜନ୍ | ୧୦ |
| ୫. | କନ୍ଧ ବୁଢା | ୧୫ |
| ୬. | ପାହାଡ଼ ଉପର ଗାଁ | ୨୨ |
| ୭. | ଚଇତି ରାତି | ୩୫ |
| ୮. | ଡୁଙ୍ଗ୍ ଡୁଙ୍ଗାର ସୁର | ୪୫ |
| ୯. | ଶାଲବନ୍‌ର ସାରୀ | ୫୦ |
| ୧୦. | ବେଣ୍ଟ ପରବ | ୫୭ |
| ୧୧. | ମାଙ୍ଗନୀ ବିବା | ୬୩ |
| ୧୨. | ମେରିଆ ପରବ | ୬୮ |
| ୧୩. | ଲେଙ୍ଗୁଟି ମଣିଷ | ୭୪ |
| ୧୪. | ଏଇ ଶାଳବଣ ତଳେ | ୭୯ |
| ୧୫. | ସହାୟକ ଶବ୍ଦସୂଚୀ | ୮୨ |

# ରାସ୍ତା ଚାଲୁ ଚାଲୁ ସୂର୍ଯ୍ୟ

ଥରେ ଜୀବନ ରାସ୍ତାରେ ଚାଲୁ ଚାଲୁ, ଗଜା ଶାଳ ଗଛ କୁଣ୍ଢେଇ ମୁଁ ଚଢିଥିଲି ଗୋଟେ ତୀଖ ପାହାଡ। ଆଉ ପହଞ୍ଚି ଥିଲି ପାହାଡ ଉପର ଏକ ଗାଁରେ। ଅଗନା ଅଗନି ବନସ୍ତ। ହାଡଭଙ୍ଗା ଶୀତ ରାତି । କଟିଥିଲା ନିପଟ କନ୍ଧ ପଲ୍ଲୀରେ। ଖଜୁରୀ ତାଟି ଘେରା ତାଳ ପତ୍ର କୁଡିଆରେ। କାକରରେ ଭିଜୁଥାଏ ଶାଳ ବଣ। ପାଦ ତଳେ ଜୁକୁ ଜୁକୁ ନିଆଁ। ତନ୍ଦ୍ରା ବିଜଡିତ ଆଖିରେ ସଲପର ମଧୁସ୍ରାବ। ଆକାଶରେ ଜହ୍ନର ମଶାଲ। ରାତ୍ରିର ନିରବତା ଭାଙ୍ଗି ଭାସି ଆସୁଥାଏ କେଉଁ କନ୍ଧ କିଶୋରୀର ମନମତାଣିଆ ସଙ୍ଗୀତର ଝଙ୍କାର ।

କୁହୁଡି ଘେରା ସକାଳ। ଫୁଙ୍ଗୁଳା ଛାତିରେ ପଥରା ଚକଡା ଆବୋରି ବସିଥାଏ ଜଣେ ଶତାୟୁ କନ୍ଧ। କାନ ଡେରି ଶୁଣୁଥାଏ ଶାଳ ବଣର ସଂଗୀତ। ରହି ରହି କହୁଥାଏ, ଜଙ୍ଗଲର ଛାଇ ଆଲୁଅ ଭିତରେ କନ୍ଧର ସ୍ୱୟଂସିଦ୍ଧ ଜୀବନର କଥା। ପାହାହ ଛାତିରେ ସବୁଜ ସ୍ୱପ୍ନ ଆଉ ଝରଣା ପରି ଚଞ୍ଚଳ ଜୀବନ। ଥାକ ଥାକ ପାହାଡରେ ସୋରିଷ ଫୁଲର ହସ, ମହୁଲର ମହକ, ଗିରି ନାରୀର ଚମକ, ଚଇତି ରାତିର ଉଦ୍‌ବେଳିତ ଜହ୍ନ ବାନ୍ଧିରଖେ ଏ ମାଟିର ଜୀବନ। ସେଥିପାଇଁ ଦୀର୍ଘ କେତେ ଦଶନ୍ଧି ଧରି ସେ ଏ ମାଟିକୁ ଆବୋରି ପଡି ରହିଛି, ଏଇ ପାହାଡ ଘେରା ମୂଲକରେ। ତଳକୁ ଖସିବାକୁ ସେ ନାରାଜ। ପାହାଡ ତଳେ ବସ୍ତୁବାଦୀ ଜୀବନର ପ୍ରାଚୁର୍ଯ୍ୟ ଭିତରେ ହଜିଯାଇଛି ମନର ନିଆରା ଆକର୍ଷଣ, ଜୀବନର ଅନନ୍ୟ ସ୍ପନ୍ଦନ।

ଫେରିବା ବାଟରେ ମୋ ହାତରେ ଜଣେ ଧରେଇ ଦେଇଥିଲା କେତୋଟି ପାଚିଲା କେନ୍ଦୁ। ଆଦିମ ଅଧିବାସୀର ଅକୃତ୍ରିମ ଆତିଥ୍ୟ।

ପାହାଡର କଡ଼େ କଡ଼େ, ସକାଳର ସୁନେଲି ସୂର୍ଯ୍ୟ କିରଣରେ କାକର ଭିଜା ସୋରିଷ ଫୁଲର ଚହଟ, ଚମକ। ଶୀତ ସକାଳର କୁହୁଡିଘେରା ପାହାଡରୁ ଉଠି ସାରିଥିଲା ସୂର୍ଯ୍ୟ। ବାଟ ଓଗାଳୁଥିଲା ଅସଂଖ୍ୟ ଭୂଇଁ ବରକୋଳି ବୁଦା ଆଉ ପଛରୁ ଗୋଡେଇ ଆସୁଥିଲା କୁହୁଡି ମିଶା ସକାଳର ମିଠା ମିଠା ଖରା।

ପଡମ୍ ଗାଁର ସେଇ ଶତାୟୁ କନ୍ଧ ବୁଢା ହାତରେ ଆଜି ଧରାଇ ଦେଉଛି, ମୋର କବିତା ପୁସ୍ତକ "ଶାଳ ବନ୍‌ର ଜନ୍"।

ରଘୁନନ୍ଦନ ମିଶ୍ର

❖❖❖

# ଶାଳବଣ, ସୋରିଷ କିଆରି ଓ ଜହ୍ନ

ଆମେ ବାହାରିଥିଲୁ ତୁମୁଡିବନ୍ଧରୁ ବେଲ୍‌ଘର । ଡାକିଥିଲେ ବନ୍ଧୁ ସୁଜିତ୍, କୁଟିଆକନ୍ଧ ବିକାଶ ଯୋଜନାର କାର୍ଯ୍ୟନିବାହୀ ଅଧିକାରୀ । ଘାଟିରାସ୍ତାରେ ଗର୍ଜନ କରି ମାଟି କାମୁଡି ଚାଲୁଥାଏ ଜିପ୍ । ସଂଧ୍ୟା ଆଗତ ପ୍ରାୟ । ଘନଘଞ୍ଚ ଅରଣ୍ୟରୁ ମେଞ୍ଚା ମେଞ୍ଚା ଅନ୍ଧାର ମାଡି ଆସୁଥାଏ । ହଠାତ୍ ବର୍ଷା ଆରମ୍ଭ ହେଲା ଏବଂ ଜିପ୍‌ର ଇଂଜିନ ମଧ୍ୟ ବନ୍ଦ ହୋଇଗଲା । ମୁଁ ଡରିଯାଇ କହିଲି, କଣ ଜରୁରୀ ଥିଲା ଏ ଘାଟି ରାସ୍ତାରେ ସଂଧ୍ୟାରେ ଆସିବାକୁ ?

ସମସ୍ତେ ମିଶି ଜିପ୍‌କୁ ଠେଲି ଠେଲି ଗଡାଣି ରାସ୍ତାରେ ରଖି ତଳକୁ ଗଡି ଆସିଲୁ । ବହୁତ କସରତ୍ ପରେ ଜିପ୍ ହଠାତ୍ ଷ୍ଟାର୍ଟ ହେଲା ଏବଂ ଆମେ ସମସ୍ତେ ଦଉଡି ଦଉଡି ଜିପ୍‌ରେ ବସିଲୁ ।

ତା ପର ଦିନ ପୁଣି ବେଲ୍‌ଘର ଯାତ୍ରା ମୋର ଅନିଚ୍ଛା ସତ୍ତ୍ୱେ । ଦୁଇଟି ତୁଙ୍ଗ ପାହାଡ ଓ କାଠ ପୋଲ ଅତିକ୍ରମ କରି ଆମେ ପହଞ୍ଚିଲୁ ପାହାଡ ଘେରା ବେଲ୍‌ଘରରେ । ଆମକୁ ଶଙ୍ଖୋଳି ନେଲେ ସୁଜିତ୍ । ଏଠି ପହଞ୍ଚି ସେ ରାତି କାଟିଥିଲେ ବେଲ୍‌ଘର କାଠ ବଙ୍ଗଳାରେ । ଅତ୍ୟାଚାରୀ ଅନ୍ଧାରର ଉପଦ୍ରବ । ରାତିସାରା ବନ୍ୟଜନ୍ତୁଙ୍କ ଶବ୍ଦ, ଆଉ ଅଜଣା ପକ୍ଷୀର ଡାକ । ରାତି ଅନିଦ୍ରାର କ୍ଲାନ୍ତି ନେଇ ସେ ସକାଳେ ଝରକା ଖୋଲିଥିଲେ । ଶିଶିର ଭିଜା ଲନ୍‌ରେ ବୁଲୁଥିଲେ କେତୋଟି କୁଟ୍ରା, ମୟୂର ଆଉ ଦଳ ଦଳ ଠେକୁଆ । ନିଜକୁ ବିଶ୍ୱାସ କରିପାରି ନଥିଲେ । ସୁଜିତ୍ ଥରେ ସଂଧ୍ୟାବେଳେ ସେ କ୍ୱାଟର୍ ବାରଣ୍ଡାରେ ବସିଥିଲେ, ଆଉ ତାଙ୍କ ଆଖି ଆଗରେ ଗୋଟେ ମହାବଳ ବାଘ କଅଁଳା ବାଛୁରୀ ପରି ହଲି ହଲି ଠିକ୍ ସେଇ ଆଗ ରାସ୍ତା ଦେଇ ଚାଲିଗଲା । ରାତିରେ ଢେର୍ ସମୟ ପର୍ଯ୍ୟନ୍ତ ପାହାଡ ସେପଟୁ ଶୁଭୁଥିଲା ତାର ଗର୍ଜନ । ଏବେ କିନ୍ତୁ ଜଙ୍ଗଲରେ କୁଟ୍ରାଟିଏ ଦେଖିବା ସ୍ୱପ୍ନ ।

ସେ ଆମକୁ ବୁଲେଇନେଲେ ଗୋଟେ ନିପଟ କନ୍ଧ ପଲ୍ଲୀକୁ । ରାସ୍ତାର କଡେ କଡେ ବିସ୍ତାରିତ ମାଣ୍ଡିଆ, ଅଳସୀ ଓ ସୋରିଷ କିଆରୀ, ଆଉ ଧାଡି ଧାଡି ମକା ଗଛ । ଖୁନ୍ଦାଖୁନ୍ଦି ହୋଇ କେତୋଟି ମାତ୍ର ଝାଟି ମାଟିର ଘର । ମୁଣ୍ଡ ନୁଆଁଇ ଘରେ ପଶିଲି । ପାଖକରେ ଛେଳି, କୁକୁଡା, ଗାଇ, ଆରପାଖରେ ମଣିଷ । ମଝିରେ ଏକ ଛିଣ୍ଡା ପାଲ । କିଛି ମାଟି ହାଣ୍ଡି, ମାଣ୍ଡିଆ ମଦ, ଆଉ ଲାଉ ତୁମ୍ବାରେ କିଛି ମାଣ୍ଡିଆ ଜାଉ । କାନ୍ଥକୁ ଡେରି ଥୁଆହୋଇଛି ଗୋଟେ ଟାଙ୍ଗିଆ ଆଉ ଡୁଙ୍ଗଡୁଙ୍ଗା ।

ଦଉଡିଆ ଖଟଟିଏ ଟାଣି ବସିବାକୁ ଦେଲେ ଜଣେ କନ୍ଧ ରମଣୀ । ଅନାବୃତ ବକ୍ଷୋଜ । ଆଖିରେ ଥିଲା ଚମକ । ଓଠରେ ଚେନାଏ ହସ, ବେଶ୍ ଅକୃତିମ । ଶିଆଳୀ ପତ୍ରରେ ସେ ନିଃସଙ୍କୋଚ ମନରେ ବଢାଇ ଦେଇଥିଲା କେଇଟା ମକା ।

ଫେରିବା ବାଟରେ ସୁଜିତ୍‌ଙ୍କୁ ପଚାରିଲି "ସୁଜିତ୍ ଏମାନଙ୍କ ପାଇଁ ତୁମେ କଣ କରୁଛ ?" ସେ କହିଲେ, "ଫଳଚାଷ କରିବାକୁ ଶିଖାଉଛୁ, ମଜୁରୀ ବାବଦରେ ଦେଉଛୁ ଲୁଙ୍ଗି । ଶୁଣାଇଲେ ଯୋଜନାର ଏକ ସୁଦୀର୍ଘ ଫର୍ଦ୍ଦ । କିନ୍ତୁ ପରିବର୍ତ୍ତନକୁ ଗ୍ରହଣ କରିବାକୁ ସେମାନେ ନାରାଜ୍ । ଏଠି ଜାନୀର ନିର୍ଦ୍ଦେଶ ଚଳେ ।"

ମୁଁ କହିଲି "ହଜାର ହଜାର ବର୍ଷଧରି ସେମାନେ ଆପଣେଇଥିବା ସଂସ୍କୃତିକୁ ତୁମେ ଲୁଙ୍ଗି ଦେଇ ଢାଙ୍କି ପାରିବ ନାହିଁ । ଜାନୀ ଆଦିବାସୀ ସଂସ୍କୃତିର ମହାନାୟକ । ସମଗ୍ର ଜନଜାତିର ତା ଉପରେ ଅଖଣ୍ଡ ବିଶ୍ୱାସ । ସେ ବିଶ୍ୱାସକୁ ତୁମେ ଦୋହଲାଇ ପାରିବ ନାହିଁ । ଅନ୍ତତଃ ଜାନୀର ସହାୟତା ଲୋଡିପାର, ତୁମ ଯୋଜନାକୁ ପାଦେ ଆଗେଇ ନେବା ପାଇଁ ।"

ଫେରିବା ବାଟରେ କାଠ ପୋଲ ଉପରେ ଗାଡି ଅଟକିଲା । ସ୍ୱାମୀ ପଚାରିଲେ, "କଣ ଦେଖିଲ ?" "ଅନେକ କିଛି । ଦୁଃଖସହି ଆଗକୁ ମାଡିଯିବାର ଏକ ଚଳ ଚଞ୍ଚଳ ଜୀବନ । ଜୀବନ ବିରୁଦ୍ଧରେ ନା ଅଛି ବିଦ୍ରୋହ ନା ଆତ୍ମ ସମର୍ପଣ । ଜୀବନ ଏକ ଅନନ୍ତ ସମ୍ଭାବନା ମାତ୍ର ।"

କବିତା ଗୁଚ୍ଛ "ଶାଳବନ୍‌ର ଜନ୍" ଆଦିମ ଜନଜାତିର ଏକ ନିରୋଳା ସ୍ପନ୍ଦନ । କବି ପାଠକମାନଙ୍କୁ ଭେଟି ଦେଇଛନ୍ତି ଚଇତି ରାତିର ଜହ୍ନ, ଶାଳବଣର ରାତି, ଆଉ ଶୁଣାଇଛନ୍ତି ଡୁଙ୍ଗ୍ ଡୁଙ୍ଗାର ସୁର ଏମିତି ଅନେକ କିଛି .................. । ଏଥର ଆପଣଙ୍କର ଶୁଣିବାର ବେଳ । ଶାଳବଣର ଜହ୍ନ ରାତିରେ ହଜି ଯିବାର ବେଳ । ନିଜକୁ ଆବିଷ୍କାର କରିବାର ବେଳ ।

ସଞ୍ଜୁକ୍ତା ମିଶ୍ର (ପତ୍ନୀ)

❖❖❖

# ଶାଳବଣ, ଜହ୍ନ ଓ ଡୁଙ୍ଗଡୁଙ୍ଗାର କବିତା

ଶ୍ରୀଯୁକ୍ତ ରଘୁନନ୍ଦନ ମିଶ୍ରଙ୍କ ରଚିତ "ଶାଳବନ୍‌ର ଜନ୍" କବିତା ପୁସ୍ତକ ଏକ ନିଆରା କବିତା ସଙ୍କଳନ । ରୋମାଣ୍ଟିକ୍ ପ୍ରବଣତା ତାଙ୍କ କବି ସତ୍ତାକୁ ଆଚ୍ଛନ୍ନ କରି ରଖିଥିଲେ ମଧ୍ୟ ଆଦିବାସୀ ଜୀବନର ଗହନ କଥା ଓ ଗଭୀର ଦାର୍ଶନିକ ଜିଜ୍ଞାସା ସେଥିରୁ ବାରିପଡ଼େ । ଗଡ଼ଜାତ ଇଲାକାରେ ଏକିରି କାଳରେ ନିବିଡ଼ ଅରଣ୍ୟାନୀର ଶୋଭା ଆଦିବାସୀମାନଙ୍କର ସରଳ ଜୀବନଚର୍ଯ୍ୟା ତାଙ୍କୁ ମୁଗ୍ଧ ଓ ଅଭିଭୂତ କରିଛି । ବନଗହନର ଉଷା ପ୍ରଦୋଷର ଋତୁଚିତ୍ରପଟ୍ଟ, ପକ୍ଷୀର କୂଜନ, ଝରା ପତ୍ରର ମର୍ମର, ଲତାଗୁଳ୍ମରେ ପ୍ରସ୍ଫୁଟିତ ବିବିଧ ବର୍ଣ୍ଣର ପୁଷ୍ପ ସମ୍ଭାର ତାଙ୍କ କବି ସତ୍ତାକୁ ଆଲୋଡ଼ିତ କରିଛି ।

ସଂକଳନସ୍ଥ ସବୁ କବିତାଗୁଡ଼ିକ ଆଦିବାସୀ ଭିତ୍ତିକ, ଆଦିବାସୀ ପଲ୍ଲୀର ନୈସର୍ଗିକ ପରିବେଶ ଆଦିବାସୀ ଯୁବକ ଯୁବତୀଙ୍କ ପ୍ରେମ ଓ ପ୍ରଣୟ ଧର୍ମଧାରଣା ଓ ସାଂସ୍କୃତିକ ପରିବେଶର ପ୍ରତିରୂପ ତାଙ୍କର କାବ୍ୟ ଚେତନାକୁ ଆଚ୍ଛନ୍ନ କରିଛି । 'ଶାଳବନ୍‌ର ଜନ୍', 'କନ୍ଧ ବୁଢ଼ା', 'ପାହାଡ଼ ଉପର ଗାଁ', ପୁଷ୍‌ପୁନିଆ, 'ମେରିଆ ପରବ', 'ଅନ୍ଧାରର ଆଖି' ଇତ୍ୟାଦି କବିତା ଆଦିବାସୀ ଜୀବନର ଗାଥା ଖାଲି ଶୁଣାଇନି, ସମତାଳ ରୀତିରେ ଏହା ଶୁଣାଇଛି ଆଦିବାସୀ ଜୀବନର ଉଦାର ସ୍ୱର ଝଙ୍କାରକୁ । ନୀଳ ଆକାଶର ଜହ୍ନ, ମହୁଲବଣର ମତୁଆଲା ଫୁଲ, ବିସ୍ତୀର୍ଣ୍ଣ ଶାଳ ବୀଥିକା, ନୃତ୍ୟଗୀତ ଭରା ଅଳସ ରାତି, କାଳଜ୍ୟୋସ୍ନାର ମାୟା, କାବ୍ୟ ଭାବନାକୁ ସ୍ଫୂର୍ତ୍ତି ଯୋଗାଇଛି । ତାଙ୍କର କାବ୍ୟ ଚିନ୍ତା ଯେଉଁ ପ୍ରଫେସି ଶୁଣେଇଛି ତାହାହେଲା ଅସୀମ ପ୍ରତି ଆକର୍ଷଣକୁ ନେଇ ଆଦିବାସୀର ଜୀବନ ଦର୍ଶନ । ଜହ୍ନରାତି ଯେଉଁ ରୂପର ରୋଷଣୀ ଜାଳେ ଓ ଛାୟା ଆଲୋକର ମାୟା ରଚନା କରେ ତାହା କବିପ୍ରାଣକୁ ଆହ୍ଲାଦିତ କରିଛି । ଏହାର ଶବ୍ଦ ରୂପ ବେଶ୍ ଚମତ୍କାର ।

"ଗଛ ପତରୁ ଖସେ କାକର
ପବନ ଥିରି ଥିରି
ନହୁଲିମନ, ମହୁଲି ପିଇ,
ଆକିରେ ନିଶା ଢାଳି
ଧାଙ୍ଗଡ଼ା ତାର, ନିଶାରେ ଚୁର୍
ଆକିରେ ଆକି ମିଶେ
ଶାଳବନ୍‌ରେ ଉଦିଲା ଜନ୍
ଧାଙ୍ଗଡୀ ମୁର୍‌କି ହସେ ।''

ପ୍ରକୃତିକୁ ନିରେଖି ଦେଖିଛନ୍ତି କବି ଠିକ୍ ଏମିତି

"ଛାଇ ବୁଲୁଛି ପାହାଡ଼ ତଳେ
ଗୋଡ଼େଇ ଆସେ ଖରା ।
ଛାଇ ଆଲୁଅ ଗୋଡ଼ିଆଗୋଡ଼ି
ପଡୁନି କେହି ଧରା ।''

'କନ୍ଧ ବୁଢ଼ା' କବିତାରେ ଟମ୍ଭୁ ଭାଙ୍ଗି ସହରୀ ଜୀବନକୁ ତାଙ୍କ ପ୍ରତ୍ୟାବର୍ତ୍ତନର ଚିତ୍ର ମଧ୍ୟ ବେଶ୍ ଚମତ୍କାର ।

"ଟମ୍ଭୁ ଭାଙ୍ଗି ଫେରୁଛି ମୁଁ ଏବେ
ମୋଡ଼ ବୁଲେ ସରକାରୀ ଗାଡ଼ି,
ପଛେ ପଛେ ଆସେ କନ୍ଧ ବୁଢ଼ା
ହାତରେ ତା ସଲପର ତାଡି ।
ଆସୁଛି ସେ ଗିରିଟେ ଡେଇଁ
ଗଜାଶାଳ ଗୋଡକୁ ବଢେଇ,
ଆସେ ଧାଇଁ, ଧଇଁସଇଁ ହୋଇ
ଲାଉ ତୁମ୍ବା କାନ୍ଧରେ ଗଳେଇ ।
ଆଖିରୁ ପୋଛି ନେଇ ଝାଳ
ଫେରିଥିବେ ଲେଙ୍ଗୁଟି ମଣିଷ,
ବାହୁଡୁଛି ଶୂନ୍ୟ ପୃଥିବୀକୁ
ତା ହାତରେ ସଲପର ରସ ।"

"ପାହାଡ଼ ଉପରେ ଗାଁରେ କବି ଭେଟି ଦେଇଛନ୍ତି ଏକ ଚିତ୍ରମୟ ଅରଣ୍ୟ ପ୍ରକୃତିକୁ । ସେମାନଙ୍କ ପରମ୍ପରା, ବେଜୁଣିର ନାଚ, କନ୍ଧ ଜୀବନର ସଂସ୍କୃତି । ତାଙ୍କ ଭାବନାରେ ଫେଣ୍ଟି ହୋଇଯାଇଛି ତାତ୍ତ୍ୱିକ ଜିଜ୍ଞାସା ଓ ସଞ୍ଚରି ଆସୁଛି ମନ୍ତ୍ରଶକ୍ତି କବିତା ଗୁଡ଼ିକ ମଧ୍ୟରେ । କାବ୍ୟ ଭାବନାକୁ ସାର୍ଥକ ଭାବରେ ଅନୁସରଣ କରିଛି ଶବ୍ଦରାଜି, କନ୍ଧର ଜୀବନ ବେଶ୍ ମୁକ୍ତ, ସ୍ୱାଧୀନ ଓ ବାଧା ବନ୍ଧନ ଶୂନ୍ୟ ।

ସେମାନଙ୍କ ପର୍ବପର୍ବାଣୀ, ଧର୍ମଧାରଣା ଓ ରିଚୁଆଲସକୁ ନେଇ ପ୍ରବନ୍ଧ ଓ ସମାଲୋଚନା କିଛି ଲେଖା ହୋଇଛି ଆମ ସାହିତ୍ୟରେ । ସେମାନଙ୍କର କବିତା ଗୁଡ଼ିକ ଅନୁବାଦ ହୋଇଛି ଯେଉଁ ଆଦିବାସୀ ଭାଷା ଗୁଡ଼ିକରେ ଲିପି ରହିଛି (ସାନ୍ତାଳୀ), କୁଇ ପ୍ରଭୃତି ସେଇ ସବୁ ନିର୍ଦ୍ଦିଷ୍ଟ ଭାଷାଗୁଡ଼ିକରେ କବିତା ଲେଖିବାର ପ୍ରଚେଷ୍ଟା ମଧ୍ୟ କିୟତି ପରିମାଣରେ ହୋଇଛି, ସେଇ ସବୁ ନିର୍ଦ୍ଦିଷ୍ଟ ଭାଷା ଗୋଷ୍ଠୀର ସୃଜନଶୀଳ ପ୍ରତିଭାମାନଙ୍କ ଦ୍ୱାରା । କିନ୍ତୁ ଆମ ଭାଷାର ଜଣେ କବି ଆଦିବାସୀ ଭାଷାକୁ ବ୍ୟବହାର କରି ଚମତ୍କାର ଢଙ୍ଗରେ ଯେପରି ପରିବେଷଣ କରିଛନ୍ତି ତାହା ମୋତେ ବିସ୍ମିତ କରିଛି । ସୂକ୍ଷ୍ମ କବିତ୍ୱ ସହିତ, ସମାଜ ତାତ୍ତ୍ୱିକ ଓ ନୃତାତ୍ତ୍ୱିକ ଉପାଦାନ ସମୂହକୁ ଫେଣ୍ଟିଦେଇ ପବିତ୍ର ତ୍ରିବେଣୀ ସୃଷ୍ଟି କରିଛନ୍ତି ଶ୍ରୀଯୁକ୍ତ ମିଶ୍ର ।

ଏହା ପାଠକ ମାନଙ୍କର ଶ୍ରଦ୍ଧାଭାଜନ ହେବ, ଏଥିରେ ସନ୍ଦେହ ନାହିଁ ।

ପ୍ରଫେସର ବିଜୟ କୁମାର ଶତପଥି
ରେଭେନ୍‌ସା ବିଶ୍ୱବିଦ୍ୟାଳୟ, କଟକ

❖❖❖


ଶାଳବନ୍‌ର ଜନ୍

# ଶାଲବନ୍‌ର ଜନ୍

ଶାଲ ବନ୍‌ର, ଉଦିଲା ଜନ୍
　　　　　　　　ଡଙ୍ଗର କାନି ଘର୍,
କକର୍ କାଲିଆ, ଘୂରି ବୁଲେ,
　　　　　　　　ରାବେ ଝାଲିଆ ମଜୁର୍ ।
ଜଡା ତେଲ୍‌ରେ, ଚକା ଜୁଡା
　　　　　　　　ଧାଙ୍ଗଡି ପାରେ ବସି,
ମହୁଲ ବଣ୍ଡୁ, ଧାଙ୍ଗଡା ଆସେ
　　　　　　　　ମୁର୍‌କି ହସା ହସି ।
ଚହଲି ଯାଏ, ଝଲ୍‌କା ଖୋସା
　　　　　　　　ନାଚ୍ ଗୀତରେ ମନ୍,
ଆଜିରେ ତାର୍, ସଲପ୍ ନିଶା
　　　　　　　　ଶାଲ ବନ୍‌ରେ ଜନ୍ ।
ଢୋଲିଆ ପିଟେ, ଢୋଲ୍ ବାଇଦ
　　　　　　　　ଶୁଭେ ଦୁମ୍ ଦୁମ୍,
ଧାଙ୍ଗଡି ପାଦେ, ପିତ୍ତଲ୍ ବଲା,
　　　　　　　　ନାଚେ ଛମ୍ ଛମ୍ ।
ଝୁମୁର୍ ଝୁମୁର୍ ନାଚି ଯାଉଛି,
　　　　　　　　ବୁଲେ ଘିରି ଘିରି
ଖୋସାରେ ତାର୍, କୁରେଇ ଫୁଲ୍
　　　　　　　　ଯାଉଛି ଢଳି ଢଳି ।
କାଜୁଲ୍ ନାଚେ, ମଜୁର୍ ନାଚେ
　　　　　　　　ଝାମି ନାଚେ ଝନ୍,
ଆଜିରେ ତାର ଝୁମ୍ରା ନାଚେ
　　　　　　　　ଶାଲ ବନ୍‌ରେ ଜନ୍ ।

ନଇଁ ନଇଁକି, ଘୂରି ବୁଲିକି,
ହାତରେ ହାତ ଛନ୍ଦି
ଶାଳବନ୍‌ରେ, ଉଦିଲା ଜନ୍
ମନଟା ଦିଏ ବାନ୍ଧି ।
ଗଚ୍ ପତରୁ, ଖସେ କାକର
ପବନ ଥିରି ଥିରି,
ନହୁଲି ମନ, ମହୁଲି ପିଇ,
ଆକିରେ ନିଶା ଢାଳି ।
ଧାଙ୍ଗଡା ତାର୍, ନିଶାରେ ଚୁର୍
ଆକିରେ ଆକି ମିଶେ,
ଶାଳବନ୍‌ରେ ଉଦିଲା ଜନ୍
ଧାଙ୍ଗିଡି ମୁରୁକି ହସେ ।
ନାଚର୍ ତାଳେ, ଧାଙ୍ଗଡି ବୋଲେ
ଶୁନ୍ ଧାଙ୍ଗଡା ଶୁନ୍,
ଆକିରେ ତୋର ସଲପ ନିଶା,
ଶାଳବନ୍‌ରେ ଜନ୍ ।
ବାସ୍‌କେ ଭମର୍, ଉଡ଼ି ଆସିଥିଲି
ଧାଙ୍ଗଡ଼ା କହେ ରହି,
ରାତି ଖାଇ ନାହିଁ, ରାତି ଶୋଇ ନାହିଁ
ତଅରି ପାଇଁରେ ମୁହିଁ ।
ତୁଇ ତାଣ୍ଡାରସ୍ ପୁନିଆ ଜନ୍
ତକେ ଦେଖି ମନ ଛନ୍
ମୁଆଁସ ଲଗେଇ ଉଠି ଚାଲିଯାଉ
ଅନ୍ଧାର ଶାଳ ବନ୍ ।
ଧାଙ୍ଗଡ଼ି କହେ, ରଙ୍ଗ ନିଶାରେ
ମଅଁକେ ତୋର ମନ୍

କୋସାରେ ମୋର କୁରେଇ ଫୁଲ୍
ଶାଳ ବନ୍‌ରେ ଜନ୍ ।
କଣ୍ଟା ବୁଦାରେ, ବାନ୍ଧୁଛି ବସା,
କପୋତୀ ନିରିମାଖି,
ଆକିରେ ତୋର ସଲପ ନିଶା,
ଦେଏନି ଶର ଯୋଖି ।
ଧାଙ୍ଗଡା କହେ, ଶୁନ୍ ଧାଙ୍ଗଡି,
ମନ୍‌ଟା ଚୋରି କରି,
ଯାଉଛୁ ଚାଲି, କଅଲ୍ ଜନ୍
ହସୁଛି କିରି କିରି ।
ଡଙ୍ଗର କାଲିଆ, ଭେଲୁଆ ନଖୀ
ବରା ମାଛି ବସା ମହୁ,
ପଥର ପରାଏ, ଛାତିକୁ କଲୁ,
କେତେ ମୁଁ ସହିବି ଆଉ ।
ଝୁମି ଝୁମିକା ନାଚି ନାଚିକା,
ଢୋଲ ବାଜାରେ ମାତି,
ଧାଙ୍ଗଡି କହେ, ଶୁନ୍ ଧାଙ୍ଗଡା,
ଶାଳବନ୍‌ରେ ରାତି ।
ନାଚ୍‌ଟା ତୋର, ଘୁରି ଘୁରିକା
ଦେଇ ଦେଇଛି ମନ୍
ଆକିରେ ତୋର ବିଜ୍‌ଲି ମାରେ
ଶାଳ ବନ୍‌ରେ ଜନ୍ ।
ବାଟରେ ଘାଟରେ, ଭେଲୁଆ ଗଚ୍,
ଶୁଖା ଖାଇଗଲା ରସ୍,
ତକେ ମୋର ଶାରଦା ଭାରି,
ମନଥିଲେ ଭାରି ଆସ୍ ।

ଶାଳ ବନ୍‌ରେ ବୁଡିଲା ଜନ୍
ଧୁଙ୍ଗିଆ ମାଗି ନେଲା,
ପୁଷ୍ ମାସକୁ କଥାଟି ଦେଇ
ମୁରକି ମାରି ଗାଲା।
ଛାଇ ବୁଲୁଛି, ପାହାଡ ତଳେ
ଗୋଡେଇ ଆସେ ଖରା,
ଛାଇ ଆଲୁଅ, ଗୋଡିଆ ଗୋଡି
ପଡୁନି କେହି ଧରା।
ଧରା ପଡିଛି, ଧାଙ୍ଗଡି ଆଜି
ଧାଙ୍ଗଡା ହସଟିରେ,
ଝଲକା ଖୋସା, ଯାଇଛି ଫିଟି,
ମହୁଲ ଗଛ ମୂଳେ।
କୁରୁଳି ଉଠେ, କୁଡିଆ ଘର୍,
ଉଦିଲା ଜନ୍ ତାତି,
ରହି ଯାଇଛି, ପଛେର୍ ତାର୍
ଶାଳବନ୍‌ର ରାତି।

❖❖❖


କଲବୁଢା

# କନ୍ଧ ବୁଢା

ଦିଗନ୍ତର ଅସ୍ତଗାମୀ ସୂର୍ଯ୍ୟ
ମ୍ଳାନ ହୋଇ ଯାଉଛି ମିଳାଇ,
ଅଗମ୍ୟ ସେ ଅରଣ୍ୟ ପଥରେ
ଫେରୁଛି ମୁଁ ଦିଗହରା ହୋଇ।
ଅଦୂରର କନ୍ଧପଲ୍ଲୀ ଭିଜୁଥାଏ
ଝିକି ମିକି ତରା ଆଲୁଅରେ,
ଅନ୍ଧାରରେ ପାଦ ଚିପି ଚିପି,
ବେକ ଭାଙ୍ଗେ, ପତ୍ର କୁଡିଆରେ।
ପିକା ଟାଣେ କନ୍ଧ ବୁଢ଼ା ବସି
ଭରା ଦେଇ ବାଉଁଶ ଖୁଣ୍ଟିରେ,
ଢିମା ଢିମା ଆଖି କାଢେ,
ଭାରିପାଦ, ଅନ୍ଧାର ରାତିରେ।
ଖଜୁରୀ ତାଟିକୁ ଖୋଲି,
ଶଙ୍ଖୁଳିଲା ଅନ୍ଧାର ଆଡେଇ,
ଚମକିଲା ଛେଳି ଛୁଆ,
ଆଲୁଅରେ ସଂକ୍ରମିତ ହୋଇ।
ରାତ୍ରୀର ବୟସ ବଢେ,
ଭରା ନିଦେ, କଡ ଲେଉଟାଏ,
ଗରମ ମାଣ୍ଡିଆ ଜାଉ,
ଗିରିବାଳା ବାଢି ଦେଇଯାଏ।
ଫେରିଯାଏ, ଚଞ୍ଚଳ ପାଦରେ
ଲାଉ ତୁମ୍ବା, ସଲପରେ ଭରି,
ରାତ୍ରି ଯାପିବ, ଧାଙ୍ଗେଡି ଶାଳାରେ
ହସି ହସି ଗଲା ଢଳି ଢଳି।

ଦରସିଁଆ କାଞ୍ଚୁଲିର ତଳେ
ଢଳ ଢଳ ଅକ୍ଷତ ଯୌବନ,
କିଶୋରୀର କଅଁଳ ପତ୍ରରେ
ମୂର୍ଚ୍ଛାହତ ଜଙ୍ଗଲ ସପନ।
ଛଳ ଛଳ ମନ ତା'ର,
ପ୍ରୀତିଛନ୍ଦା ଆଖିରେ କଜଳ,
ନହୁଲି ବୟସୀ, ଅକ୍ଷତ ଯୌବନା,
ସେ ତ ଏକ ଅରଣ୍ୟ ଫସଲ।
ଦିକି ଦିକି ନିଆଁ ଜଳେ ଅନ୍ଧାରରେ
ଶୀତରାତି ଉଷୁମ ମନରେ,
ରହି ରହି କହେ କନ୍ଧବୁଢ଼ା,
ଖୋଲାଛାତି ଉଦାସ ଆଖିରେ।
ସୂର୍ଯ୍ୟ ଯେବେ ଢଳୁ ଥିଲା
ବର୍ଷା ଭିଜା, ପାହାଡ ସେପାରେ,
ନାଚୁଥିଲେ ମୟୂର ବି ଆସି,
ପୁଚ୍ଛ ମେଲି ସଞ୍ଜ, ସକାଳରେ।
ଅନ୍ଧାରରେ ବାଘର ହେଣ୍ଟାଳ
ପାହାଡ଼ର ବୁକୁ ଦିଏ ଚିରି,
ଆସେ ବାଘ ଶାଳ ଜଙ୍ଗଲରୁ,
କୁରଙ୍ଗୀଟି ଯାଏ ଡରିମରି।
ପଶିଆସେ, ସହରୀ ବାବୁଟି
ଲୁଟିନିଏ ଜଙ୍ଗଲ ଜୀବନ,
ନିଦ ହଜେ, କୁରାଢୀ ଚୋଟରେ
ଜଙ୍ଗଲତ ବିଦୀର୍ଣ୍ଣ, ବିବର୍ଣ୍ଣ।
ରିବୁନୁ କି ଫରେଷ୍ଟ ଗାରୁଡୁ
ପାଦେ ପାଦେ ଶଙ୍କା ଭରିଦିଏ,

ବାଘ ଠାରୁ ଭୟଙ୍କର ଜୀବ,
ନାଲି ଆଖି କାଢିକି ଡ଼ରାଏ।
ପଇଁତରା ମାରେ ଡଙ୍ଗରରେ
ଘୁରିବୁଲେ, ଶୋରିଷ ଖେତରେ,
କଳା ଗଞ୍ଜା ଝିଙ୍କି ନେଇଯାଏ
ଲୁଚି ଛପି ଅନ୍ଧାର ରାତିରେ।
ଟଳ ଟଳ, ମହୁଲି ନିଶାରେ
ଆଖି ଘୁରେ ମାଣ୍ଡିଆ ଖେତରେ,
ବସି କନ୍ଧ କୁଡିଆରେ, ଆଖିମାରେ,
ନହୁଲି ବୟସୀ ଛାତିରେ।
ପେଁକାଳୀ ମାରି ହାତୀପଲ
ପାହାଡରୁ ଓହ୍ଲାଇ ଆସିଲେ,
ପାଦବାଜି, ଗଜା ଡାଳ ଗଛ,
ଢଳି ଯାଏ ଅନ୍ଧାର ରାତିରେ।
କନ୍ଦା ଖାଇ, ଚାଳକୁ ଓଲାରି,
କନ୍ଧବୁଢ଼ା ଘର ଛୁଇଁ ଦେଇ,
ଚାଲିଗଲେ ହାତୀ ଦଳ ଦଳ
ଅନ୍ଧାରରେ ଆତଙ୍କ ଖେଳାଇ।
ତନ୍ଦ୍ରାହତ ଆଖି ଫିଟେ, ଯେବେ,
ଖରା ମିଶା କୁହୁଡି ଭିତରେ,
ଫେରୁଅଛି ଶିବିରକୁ ଏବେ,
ପାଦ ଭିଜେ, କାକର ଟୋପାରେ।
ଆକାଶର ତରା ପରି, ଏ ମାଟିରେ,
ମହୁଲ ତ ଫୁଲ ବିଛେଇଛି,

ପବନର ଶିହରଣ, ପକ୍ଷୀର କାକଳି
ରୋମାଞ୍ଚିତ ମନକୁ କରିଛି ।
ପଛେ ପଛେ ଚାଲେ ଗିରିବାଳା,
ହସି ହସି ପଣତ ଉଡେଇ
କଣ୍ଟା ଲାଗି ପଣତରେ ତାର,
ଅଟକିଲା ମୁହଁକୁ, ଫେରାଇ ।
ଟୋଳିଲା ସେ ଭୂଇଁ ବରକୋଳି,
ଅଧାଚରା ପଣତ କାନିରେ,
ଡେଣାଝାଡି କପୋତ କପୋତି
ବୁଦା ମୂଳେ ଚମକାଇ ଦେଲେ ।
ଓଠ ତଳେ, ଚାପି ଦେଇ ହସ,
ବୋଲିଦେଇ ସରାଗଟି ତା'ର,
ବଢାଇଲା ଭୂଇଁ ବରକୋଳି,
ଚିରା ଶାଢୀ, ପଣତ ତାହାର ।
କନ୍ଧ ବୁଢା କାନ୍ଧରେ ଆଉଜି,
ବୁଲିପଡି ଚାହିଁ ଦେଇ ଥରେ,
ନିଭିଗଲା ଛାଇ ଆଲୁଅରେ,
ହସ ବାଣ୍ଟି, ମୋ ଚଲା ପଥରେ ।
ଥରେ ଅଧେ ଆସେ କନ୍ଧବୁଢା,
ମୁର୍ଗି ଆଉ ଲାଉ ତୁମ୍ବା ଧରି,
ମୋ ତୁମ୍ବରେ ପଶେ ମୁଣ୍ଡ ପାତି,
ସଲପର ବାସ୍ନା ଯାଏ ଭରି ।
କାଟେ କାଠ, କାଠ ହଣା,
ଜଙ୍ଗଲର ନିଶବ୍ଦତା ଚିରି,
ଉଡିଯାଏ ଝାଡି ଡେଣା,
ଅନ୍ୟପାଇଁ ଶ୍ରମଦାନ କରି ।

ଟାଙ୍ଗରା ମାଟିକୁ ତାଡ଼ି,
ତା ଦେହର ରକ୍ତ ଦାଗ ବୋଳି,
ଉପୁଜାଏ ସୁନାର ଫସଲ,
ବାବୁ ଆସି ନେଇଯାଏ ତୋଳି।
ପିଠିରେ ଅଳସିର ବୋଝ
ବାଟ ଚଲେ ଶାଳବାଡ଼ି ଧରି
ସ୍ମୃତି ଯୋଡି, ଢିମା ଆଖି କାଢି
ଚାଲେ କନ୍ଧ ଝାଳ ପଡ଼େ ଝରି,
କନ୍ଧବୁଢା ଆଖି ଛଳ ଛଳ,
ଖୋଜୁଛି ସେ ବିଲ୍ଲି ଲାଖି ବର,
ଛାତି ତଳେ ମୂର୍ଚ୍ଛିତ ସପନ,
ଉଷ୍ମ ମନ ଉଦାସ ଗମ୍ଭୀର।
ତୋଳିଦେବ, ଧାଙ୍ଗଡା ହାତରେ,
ନାଚୁଥିବ ଘୁମୁରା ତାଳରେ,
ଲାଖି ସିଏ ବିନ୍ଧିପାରୁଥିବ,
ନୀଡଫେରା ପକ୍ଷୀର ଡେଣାରେ।
ଆଖିରେ ତା ଭରିଥିବ ସ୍ୱପ୍ନ,
ମହୁଲର ନିଟୋଳ ହସରେ,
ବିଲ୍ଲିକୁ ସେ ଭିଡିଧରିଥିବ,
ସଲପର ମହୁଆ ନିଶାରେ।
କନ୍ଧ ବୁଢା ଛାତି ପରି ଲାଗେ,
ଏ ମାଟିର ଚଉଡା ଆକାଶ,
ଗିରିର ତଟିନୀ ପରି ଛଳ ଛଳ,
ସ୍ୱଚ୍ଛନ୍ଦିଶେ ଗିରିବାଳା ହସ।

ଗଜା ଶାଳ ଉଠେ ଖୁନ୍ଦି ହୋଇ
ଏ ମାଟିରୁ ପାହାଡକୁ ଛୁଇଁ,
ଜହ୍ନ ଚରେ, ଅଳସୀ ଖେତରେ,
ଏ ମାଟି ତ ସପନର ଭୂଇଁ।
ଲମ୍ବିଯାଏ ସୋରିଷ କିଆରୀ
ହସୁଥାଏ ଶୀତ ସକାଳରେ,
ମାଣ୍ଡିଆର ବିସ୍ତାରିତ ଖେତ
ଏ ମାଟିର ଫୁଙ୍ଗୁଲା ଛାତିରେ।
ତମ୍ବୁଭାଙ୍ଗି ଫେରୁଛି ମୁଁ ଏବେ
ମୋଡ ବୁଲେ ସରକାରୀ ଗାଡି,
ପଛେ ପଛେ ଆସେ କନ୍ଧ ବୁଢା
ହାତରେ ତା' ସଲପର ତାଡି।
ଆସୁଛି ସେ ଗିରିତଟ ଡେଇଁ
ଲମ୍ବାଶାଳ ଗୋଡକୁ ବଢେଇ,
ଆସେ ଧାଇଁ, ଧଇଁ ଶଇଁ ହୋଇ
ଲାଉ ତୁମ୍ବା, କାନ୍ଧରେ ଝୁଲେଇ।
ଆଖିରୁ ପୋଛିଦେଇ ଝାଳ,
ଫେରି ଚାହେଁ ଲେଙ୍ଗୁଟି ମଣିଷ,
ବାଢୁଡୁଛି ଶୂନ୍ୟ ପୃଥିବୀକୁ,
ତା ହାତରେ ସଲପର ରସ।

❖❖❖

ଗଜା ଶାଳ ଉଠେ ଖୁନ୍ଦି ହୋଇ
ଏ ମାଟିରୁ ପାହାଡକୁ ଛୁଇଁ,
ଜହ୍ନ ଚରେ, ଅଳସୀ ଖେତରେ,
ଏ ମାଟି ତ ସପନର ଭୂଇଁ।
ଲମ୍ବିଯାଏ ସୋରିଷ କିଆରୀ
ହସୁଥାଏ ଶୀତ ସକାଳରେ,
ମାଣ୍ଡିଆର ବିସ୍ତାରିତ ଖେତ
ଏ ମାଟିର ଫୁଙ୍ଗୁଳା ଛାତିରେ।
ତମ୍ଭୁଭାଙ୍ଗି ଫେରୁଛି ମୁଁ ଏବେ
ମୋଡ ବୁଲେ ସରକାରୀ ଗାଡି,
ପଛେ ପଛେ ଆସେ କନ୍ଧ ବୁଢା
ହାତରେ ତା' ସଲପର ତାଡି।
ଆସୁଛି ସେ ଗିରିତଟ ଡେଇଁ
ଲମ୍ବାଶାଳ ଗୋଡକୁ ବଢେଇ,
ଆସେ ଧାଇଁ, ଧଇଁ ଶଇଁ ହୋଇ
ଲାଉ ତୁମ୍ବା, କାନ୍ଧରେ ଝୁଲେଇ।
ଆଖିରୁ ପୋଛିଦେଇ ଝାଳ,
ଫେରି ଚାହେଁ ଲେଙ୍ଗୁଟି ମଣିଷ,
ବାହୁଡୁଛି ଶୂନ୍ୟ ପୃଥିବୀକୁ,
ତା ହାତରେ ସଲପର ରସ।

❖❖❖


ପାହାଡ ଉପର ଗାଁ

# ପାହାଡ଼ ଉପର ଗାଁ

ଅଶୁଚିର ଅନ୍ଧକାର ଚିରି,
ସ୍ୱଚ୍ଛ ଏକ ବହମାନ ଧାରା,
ଦିଗନ୍ତର କୁହୁଡ଼ିରୁ ଜନ୍ମ ତାର,
ବହି ଆସେ ହୋଇ ଦିଗହରା ।
ସ୍ରୋତସ୍ୱିନୀ ସେ ଗିରି ତଟିନୀ,
ନାଚି ନାଚି, ପଥର ଖଣ୍ଡରେ,
ଚଟାଣରେ ଭାସୁଛି ଶିଉଳି
ପାଦ ଖସେ, ଚହଲା ତୁଠରେ ।
ବାଳସୂର୍ଯ୍ୟ ଚଢୁଥାଏ, ତୁଙ୍ଗ ଶିଖର,
ବର୍ଣ୍ଣମୟ ଚିତ୍ରିତ ସେ ନଭ,
ନିଶବଦ, ବିଜନ ବନାନୀ,
ତଟିନୀରେ ସ୍ୱଚ୍ଛ ପ୍ରତିବିମ୍ବ ।
ଟପିଗଲେ ଗିରିବାଳା ଆସି,
ପାଦଚିପି ସାଉଁଳାସ୍ରୋତରେ,
ଭୀରୁ ଆଖି ଅଜଣା ଆତଙ୍କ,
ବସିଛି ମୁଁ ଉଦାସ ମନରେ ।
ସାଥୀମୋର ବିପନ୍ନ ବିଶ୍ୱାସ,
ଥର ଥର ପାଦକୁ ବଢାଇ,
ବୁଡ଼ି ଉଠି, ଓଦା ସର ସର,
ଏ ରାସ୍ତାରେ ଏକାନ୍ତ ବାଟୋଇ ।
ସୂର୍ଯ୍ୟ ଢଳେ ମୁଣ୍ଡିଆ ସେପାରେ,
ବନାନୀର କମନୀୟ କାନ୍ତି,

ଧୂଆଁ ଉଠେ, ପର୍ଣ୍ଣ କୁଟୀରରେ,
ଗିରିନାରୀ ମୁହଁରେ ପ୍ରଶାନ୍ତି ।
ଜାକି ଧରେ, ଫୁଙ୍ଗୁଲା ଛାତିରେ,
ଶିଶୁ ତାର ସ୍ତନ ପାନ କରେ,
ମାତୃତ୍ୱର ତୃପ୍ତ ଆନନ୍ଦରେ,
ବସିଛି ସେ ପତ୍ର କୁଡ଼ିଆରେ ।
ଚିହ୍ନାଇଲା ପାହାଡ଼ ଉପର ଗାଁ,
କୁଆ ଉଡେ, ଯାଏ ଯେତେ ଦୂର,
ବିରାମହୀନ ଏ ଯାତ୍ରା, ଦିଗନ୍ତକୁ,
କ୍ଲାନ୍ତ ଦେହ, ଅବଶ ମନର ।
ଗଜାଶାଳ ଗଛକୁ କୁଣ୍ଡେଇ,
ସଂକୀର୍ଣ୍ଣସେ ଗିରିପଥ ଦେଇ,
ଥାକ ଥାକ ପାହାଡ଼ ମୁଁ ଚଢେ,
ସଞ୍ଜ ଆସେ ଅନ୍ଧକାର ନେଇ ।
ସୂର୍ଯ୍ୟ ଢଳେ, ଶାଳ ବଣ ତଳେ,
ଗାଡ଼ଭାଲୁ ରାସ୍ତା ପାରିହୁଏ ।
ଛାୟା ମୂର୍ତ୍ତୀ, ଆସେ ପଛେ ପଛେ,
ଜହ୍ନ ହଜେ, ତାରା ଲିଭିଯାଏ ।
ରହେ ଡୁମା, ପାହାଡ ଖୋଲରେ,
ନଷ୍ଟ ଆତ୍ମା, ଛାୟା ଅଶରୀର,
ଟିଣ ପିଟି, କନ୍ଧ ଘଉଡାଏ,
ନିଶାସକ୍ତ, ପାଦ ଟଳଟଳ ।
ମାଡିଆସେ ଛାୟା ଅନ୍ଧକାର,
ଡାଲୁ ଡାଲୁ ଗୋଜିଆ ପାହାଡ଼,

ପଛେ ପଛେ ଆସେ କନ୍ଧ ଝିଅ
କିରୋସିନି ଡ଼ବା ଧଡ ଧଡ ।
ଅନ୍ଧାରରେ ବାଟ ଚିହ୍ନି ଚିହ୍ନି,
କନ୍ଧବୁଢା ଘରେ ମୁଁ ଅତିଥି,
ରନ୍ଧା ମାଂସ, ମହୁଲି ନିଶାରେ,
ଭୁଲିଯାଏ ବାର ଆଉ ତିଥି ।
ଚାଳ ଘର, ଧୂଆଁ ସର ସର,
କାକରରେ ଭିଜେ ରାତି ସାରା,
ପାଦ ତଳେ, ଜୁକୁ ଜୁକୁ ନିଆଁ,
ଆକାଶରେ, ଜହ୍ନ ଆଉ ତରା ।
ଭାସିଆସେ, ଧାଙ୍ଗେଡିର ଗୀତ,
ଥରି ଥରି, ଶୀତ ଲହରୀରେ
ନିଦ ହଜେ, ଭିଜେ ଶାଳ ବଣ,
ସାରା ରାତି, ଜହ୍ନ ଆଲୁଅରେ ।
କ୍ଲାନ୍ତ ଦେହ, ଶୀତ ସଂକ୍ରମିତ,
ଭୀରୁ ଆଖି, ନିଦ ଟଳ ମଳ,
ଡୁଙ୍ଗ୍ ଡୁଙ୍ଗା ବାଜେ ଟୁଂ ଟାଂ,
ରହି ରହି ନାଚୁଛି ମର୍ଦ୍ଦଳ ।

❖❖❖

# ପାହାଡ ଉପର ଗାଁ -୨

ସୂର୍ଯ୍ୟ ଚଢେ ତୀଖ ପାହାଡ,
ମେଞ୍ଚା ମେଞ୍ଚା କୁହୁଡି ଆଡେଇ,
ଶୁଣୁଛି ସେ ଶାଳ ବଣ ଗୀତ,
ପଥରରେ ହାତ ଭରା ଦେଇ।
ଚୁଟି ବାନ୍ଧେ କନ୍ଧବୁଢା ବସି
ଗଣ୍ଠି କରି ପଛକୁ ପକେଇ,
ବେକ ତଳେ, ତମ୍ବାଲିଆ କେଶ,
ଖସିପଡେ ସ୍ମୃତି ଝାଡ଼ିଦେଇ।
ନାଚୁଥିଲା ଚଇତ ପରବେ,
ଡ଼ୋଲିଆ ତ, ପିଟିଲା ମାଦଳ,
ରନ୍ଧାମଦ, ରଙ୍ଗୀନ ନିଶାରେ,
ଝୁଞ୍ଜୁ ସାଥେ, ସିଏ ଟଳଟଳ।
ଅଣ୍ଟାରେ ତା ହାତକୁ ଗୁଡେଇ,
ଘୁମୁରା ନାଚ ତାଳେ ତାଳେ,
ପାଦରେ  ପାଦକୁ ମିଶାଇ,
ନାଚୁଥିଲା, ଉଷ୍ମ ଆବେଗରେ।
ସ୍ୱାଧୀନ, ସମ୍ପୂର୍ଣ୍ଣ ଏଠି, ଧାଙ୍ଗିଡ଼ିଟି,
ମନ, ସ୍ୱପ୍ନ ତାର ଅଧିକାର,
ନାଚିଗଲା ଝୁଞ୍ଜୁ ସାଥେ କେତେ
ଆଖିରେ ତା ପ୍ରୀତିର ଜୁଆର।
ମାଗିନେଲା ଧାଙ୍ଗିଆ ହାତରୁ
ତା ଆଖିରେ ପଲକର ପ୍ରୀତି,
ଥାପି ଦେଇ କୁରେଇ ଫୁଲଟି,
ଝୁଞ୍ଜୁ ତାକୁ ଦେଲା ପ୍ରତିଶ୍ରୁତି।

ଜନ୍ମନେଲା ଜାଗିଲି, କନିଆଁ,
ଡଙ୍ଗରରେ, ବର୍ଷ କେଇଟାରେ,
କୁକୁଡ଼ାର ରକ୍ତଭିଜା, ମାଟି,
ଯୁଞ୍ଜୁ ଆସେ ଦୀପାଳି ହାତରେ ।
ଦିଶାରୀର ମନ୍ତ୍ର ଧ୍ୱନୀ, ରନ୍ଧା ମଦ,
ରକ୍ତଭିଜା ଚାଉଳ ଫିଙ୍ଗିଲା,
ନାଚି ନାଚି ବାଉଳା ବେଜୁଣି,
ମଥାରେ ସଳିତା ଜାଳିଲା ।
ଝାକର ଦେବତାର ମନ୍ତ୍ର,
ସିଧା ଠିଆ ମାଟିରେ ଚାଉଳ,
ନାଁ ତାର ଜାଗିଲି ରହିଲା,
ବାଜୁଥିଲା, ଟିଣ ଓ ମାଦଳ ।
ବାର୍‌ହା ଆସେ ପାହାଡ଼ରୁ ଗଡ଼ି,
ପଲାମାରି ଖେତ ଜଗି ରହେ,
ମାଣ୍ଡିଆ ଜାଉ ଧରି, ନିଶବ୍ଦ ରାତି,
ଯୁଞ୍ଜୁ ଆସେ, କୁତ୍ରା ରାବି ଦିଏ ।
ପଲ୍ଲାରୁ ଓହ୍ଲାଇ ଆସେ, ଧନୁଧରି,
ଶୀତରାତି ଓଦା ଆଲୁଅରେ,
ବାଘ ଆସି ଟେକି ନେଇଗଲା
ଯୁଞ୍ଜୁ ଝୁଲେ ବାଘର ପାଟିରେ ।
କାକରରେ, ରକ୍ତ ଠାଆ ଠାଆ,
ବୁଦା ମୂଳେ, ବାଘର ପାହୁଲ,
ଭଙ୍ଗା ଚୁଡ଼ି;କସ୍ତାର ଟୁକୁଡ଼ା,
ଆଖିରେ ତା ଲୁହ ଟଳ ମଳ ।
ଯୁଞ୍ଜୁକୁ କାନ୍ଧରେ ପକାଇ,
ଯାନୀ ସାଥେ ମଶାଣୀକୁ ଗଲା,

ଫୁଟା ହାଣ୍ଡି, ରନ୍ଧା ଭାତ ଧରି
କାଠ ଖଞ୍ଜି ନିଆଁ ଧରାଇଲା,
ମଶାଣୀରେ ଜଳେ ଯୁଞ୍ଜୁ,
ଛାତିରେ ତା' ବାଘର ପାହୁଲ,
ନିଆଁ ଫୁଟେ ତା ରକ୍ତ ଚହଟେ,
ଜହ୍ନ ଏକ ଜଳନ୍ତା ମଶାଲ,

❖❖❖

# ପାହାଡ଼ ଉପର ଗାଁ - ୩

କନ୍ଧ କରେ ରକ୍ତର ତର୍ପଣ,
ବାଘ ଆଉ ମଣିଷ ନ ଖାଉ,
ଗୁଲୁଚି ଲଟା ପରି ତାଷମାଡ୍ରୁ,
ଧରତିନି ଖାଲି ହସୁଥାଉ ।
ସିଧା ବଢେ ଶାଳ ଗଛ ପରି,
କନ୍ଧ ପିଲା, ପାହାଡ଼ି ମଣିଷ,
ପ୍ରକୃତି ଲଙ୍ଗଳା, ଲଙ୍ଗୁଳି ବି ନାରୀ,
ଖୋଲା ଛାତି, ଖୋଲା ତା' ଆକାଶ ।
ଝୋଲାରେ ପଶେ କନ୍ଧନାରୀ,
ପାଣିଛାଟେ, ଫୁଙ୍ଗୁଳା ଛାତିରେ,
ପୁରୁଷତ, ଫେରି ଚାହେଁ ନାହିଁ,
କନ୍ଧନାରୀ, ଛାତି ଚମକରେ ।
ଝାଞ୍ଜିପିଟେ ତାତି ଉଠେ ମାଟି,
ଖୋଜେ କନ୍ଦ, ତତଲା ପେଟରେ,
ଫେରି ଆସେ, ବାଘର ହେଣ୍ଟାଳ,
ଜଙ୍ଗଲରୁ, ରଣ କୁହୁଡ଼ିରେ ।
ଭଙ୍ଗା ପଲ୍ଲୀ ଉଦାସ ଆଖିରେ,
ପେଜ ପିଏ, ମର୍ଦ୍ଦଳ ବଜାଏ,
ରନ୍ଧା ମଦ, ମହୁଲି ନିଶାରେ,
ଭୋକ ଶୋଷ ଆପେ ଭୁଲିଯାଏ ।
ଝୁମି ଝୁମି, ଚଇତି ରାତିରେ
କନ୍ଧ ଗାଏ ଜୀବନର ସୁର,
ସୁରୁଡ଼ିର ସୁରେ ସୁରେ, ମାତି,
ଚମକଇ ଏ ଗିରିକନ୍ଦର ।

ତାଷ ମାଡେ ଢାଲୁ ପାହାଡ଼ରେ,

ସୁଆଁ ହସେ, ବିଜନ ଖେତରେ,

ଖେଳି ବୁଲେ, ମହୁଲ ମହକ,

ଗିରିନାରୀ ଚମକେ ହସରେ ।

ଘାରିହୋଇ ମହୁଲି ମଦରେ

ଖେଦି ଯାଏ ପାହାଡ଼ ମୂଲକ,

ଅପ୍ରାପ୍ତିରେ, ଦୁଃଖ ନାହିଁ ତାର,

ଜୀବନତ ପ୍ରୀତିର ପଲକ ।

ନାଚେ କନ୍ଧ ଜହ୍ନ ଆଲୁଅରେ

ଖୋଜି ବୁଲେ ମହୁଆ ଜୀବନ

ଚଇତର ଆଭିଜାତ୍ୟ ନେଇ

ତା ଆଖିରେ ଅନନ୍ୟ ସପନ ।

ଜଙ୍ଗଲ ତ ଚହଟେ, ଚମକେ

ଭିଜିଯାଇ କାକର ଟୋପାରେ

ଥାକ ଥାକ ପାହାଡରୁ ଖସେ

ବାଟ ଚଲେ ବିଜନ ପହରେ

ବୁଦା ବୁଦା ଭୂଇଁ ବରକୋଳି

ପାଦଛନ୍ଦି ବାଟ ଓଗାଳୁଛି

କୁଟ୍ରା ଆସେ ମୋ ଚଲାପଥରେ

ଖଣ୍ଡେ ଦୂର ବାଟ ଚଲୁଛନ୍ତି ।

ସୋରିଷ ତ ବିଛେଇଛି ଫୁଲ

ଚଲୁଛି ମୁଁ ନିଃସଙ୍ଗ ବାଟୋଇ

ସକାଳର ମିଠା ମିଠା ଖରା

ପଛେ ପଛେ ଆସୁଛି ଗୋଡ଼େଇ ।

❖❖❖

# ଅନ୍ଧାରର ଆଖି

ଦୂରନ୍ତର ଅସ୍ତପ୍ରାୟ, ଟିକିଲି ସୂରୁଜ
ରକ୍ତ ଛିଟା, ନୀଳନୀଳିମାରେ
ଶବ୍ଦଶୂନ୍ୟ ଅପରାହ୍ନ, ବିଜନ ଅରଣ୍ୟ
ଫେରୁଛି ମୁଁ ଅଗମ୍ୟ ପଥରେ ।
ପବନ ଅଳସ ଭାଙ୍ଗେ, ଫମ୍ପା କୋରଡରେ
ଗଛ ପତ୍ର ଯାଉଛନ୍ତି ଢଳି,
ନିଶବ୍ଦ ବନାନୀ, ଏବେ ଶବ୍ଦମୟ
ନୀଡ ଫେରା ପକ୍ଷୀର କାକଳି ।
ଲାଜକୁଳି ସଂଜଆସେ, ପତର ଉହାଡ୍ରୁ,
ସୂର୍ଯ୍ୟ ନିଭେ, ମାଡ଼େ ଅନ୍ଧକାର
ଆକାଶରେ ମେଘର ବିଜୁଳି ଚମକେ
ଟୁପୁ ଟୁପୁ ବରଷାର ଧାର ।
ପବନ ତ ମାତି ଉଠେ, ମହୁଲ ଗଛରେ
ପତ୍ର ଝଡେ, ଝଡ ଅନ୍ଧକାରେ,
ଆକାଶରେ ବିଜୁଳି ର ଛଟା ଓ ଚମକ,
ଝଡ ଉଠେ ବିଜନ ପଥରେ ।
ପବନ ସାଉଁଟି ନିଏ ଝରାପତ୍ର
ଘୁରି ଘୁରି ଉଡେ ବନସ୍ତରେ,
ଖଣ୍ଡିଆଭୂତ ଉଠେ, ମତୁଆଲା ହୋଇ
ଖସିପଡେ ତିମିର ବର୍ଷାରେ ।
ହାତେଧରି ବାଡି, ଆସେ କନ୍ଧବୁଢୀ,
ଛାଲ ଆଉ ବୟସକୁ ବୋହି
ଅସ୍ତାଲୋକେ, ତିମିର ଆବୋରି
ବାଟଚାଲେ ଅନ୍ଧାରକୁ ନେଇ ।

ବହଳ ଅନ୍ଧାର ଯେବେ ମାଡିଯାଏ,
ନିଭିଯାଏ ଜଙ୍ଗଲ ପ୍ରଶାନ୍ତି,
ସାଥୀ ଏବେ କନ୍ଧବୁଢ଼ୀ ନିର୍ଜନ ପଥରେ,
ଚାଲୁଥିଲା, ସେ ତିମିର ଯାତ୍ରୀ।
ମୁହଁରେ ଅନ୍ଧାର ବୋଳି ମଥାରେ ସିନ୍ଦୁର,
ବନସ୍ତର ନିର୍ଜନ ପ୍ରାନ୍ତରେ,
ଉଭା ଏକ ଦେବୀ ମୂର୍ତ୍ତି ଘଞ୍ଚ ଜଙ୍ଗଲରେ,
ଖୋଦିତ ସେ ପଥର ଗାତ୍ରରେ।
ଅଶ୍ଳୀଳ ଆକାଶ ତଳେ, ନିଘଞ୍ଚ ବନାନୀ,
କୃଷ୍ଣ ଛାୟା, ଫିଙ୍ଗେ ବହୁଦୂରେ,
ମଥାପାତେ କନ୍ଧ ବୁଢ଼ୀ, ଶିଆଳିର ରଡି,
ରାତ୍ରୀ ଏବେ ପ୍ରଥମ ପହର।
ମଥା ଥୋଇ, ପାଷାଣ ମୂର୍ତ୍ତୀରେ, ଆଖି ଘୁରେ
ବନସ୍ତରେ ଅଭ୍ୟସ୍ତ ଆଖିରେ,
ମୁହୂର୍ତ୍ତର ଶବ୍ଦରେ ଶଙ୍କିତା, ଭୀତତ୍ରସ୍ତ
ଅନିଶ୍ଚିତ ଘୋର ସଂଶୟରେ।
ଝୁଙ୍କିପଡ଼ି କନ୍ଧବୁଢ଼ା ଅଣ୍ଡାଳେ ଅନ୍ଧାର
ଜାଲ ବିଡା ଟାଙ୍ଗିଆ ଓହ୍ଲେଇ
ପେଙ୍କୁଆ ଆଖିରେ ତାର ବିସ୍ମୟ ସନ୍ତ୍ରାସ
ଅନ୍ଧାରରେ ହଲୁଥିଲା ଛାଇ।
ଉଭା ଏବେ ଗଛମୂଳେ, ହିଂସ୍ରପଶୁ,
ବର୍ଷା ଭିଜା, ଅନ୍ଧାର ରାତିରେ,
ରଚୁଛନ୍ତି ଯୌନକ୍ରିଡା, ବାଟକୁ ଓଗାଳି,
ମାତିଛନ୍ତି, ପୂର୍ଣ୍ଣ ସମ୍ଭୋଗରେ।
ଆଖିରେ ଇସାରା ଦେଇ, ଡିମା ଆଖି କାଢି
ଚିହ୍ନାଇଲା ଅଜଣା ଆତଙ୍କ,

ଅନ୍ଧାରର ଆଖି ତଳେ, ଛାୟା ଅନ୍ଧକାରେ
ଯୌନମଗ୍ନ ଦମ୍ପତି ଭଲ୍ଲୁକ ।
ନିର୍ଜନ ଆଖିରେ ଝଡ, ଭରା ସଂତ୍ରାଶରେ,
ଛପିଯାଇ ଅନ୍ଧାର ରାତିରେ,
ପାଦ ଦୁଇ ଅବିଚଳ, ସ୍ଥିର ଓ ସ୍ଥବିର
ଆତଙ୍କିତ, ଆସନ୍ନ ମୃତ୍ୟୁରେ ।
ଯୌନଭିକ୍ଷୁ, ଭଲ୍ଲୁକର, ହିଂସ୍ର ଆଚରଣ,
କାମନାର କ୍ଷତାକ୍ତ ଶରୀର
ଅପ୍ରମିତ ଆନନ୍ଦର ନିର୍ଲଜ ଉଲ୍ଲାସ,
ଅଭିଶପ୍ତ ଅନ୍ଧାର ରାତିର ।
ବୁଦାମୂଳେ ଛପିଯାଇ ଧୂଳିକୁ ଉଡେଇ
ବୁଢୀ ମାପେ, ପବନର ଗତି,
ହିଂସ୍ର ପଶୁ ବୀପରିତ, ବହୁଛି ମରୁତ
ତା ଆଖିରେ ଅନନ୍ତ ଆଶ୍ୱସ୍ତି ।
ହଟିଯାଏ ବର୍ଷାଯେବେ, ଖସିପଡେ ତାରା
ବନାନୀରେ ରଜତର ମାୟା,
ଉଦ୍‌ବେଳିତ ଜହ୍ନ ଉଠେ ଚକ୍ରବାଳ ତଳୁ
ଆକାଶରେ ଭଷା ମେଘ ଛାୟା ।
ବାଟ ଛାଡି ଚାଲିଗଲେ, ଭଲ୍ଲୁକ ଯୁଗଳ,
ଛପିଗଲେ ଟାଇ ଅନ୍ଧାରରେ,
ସଫେଦ୍ ଜହ୍ନର ହସ ମୁକୁଳିଲା ଏବେ,
ବର୍ଷାଭିଜା ନିଶବ୍ଦ ବନରେ ।
ଝଡ ବର୍ଷା, ପବନରେ ଥରି ଥରି,
ପଡିଥିଲା ଜଙ୍ଗଲ ଘୁମେଇ,
ତନୁଶ୍ରୀ ତରୁଣୀର ଚିତ୍ରରେ ଚିତ୍ରିତା
ସଦ୍ୟସ୍ନାତା, ଜଙ୍ଗଲର ଛଇ ।

କନ୍ଧ ବୁଢୀ, ଚାଲେ, ବାଡି ଧରି
ଅନ୍ଧାରରେ ବାଟ ଚିହ୍ନି ଚିହ୍ନି,
ନିଶାର୍ଦ୍ଧର କ୍ଳାନ୍ତ ଚେତନାରେ,
ବର୍ଷାର ବିଷାଦ ରାଗିଣୀ।
ମୁଁ ଚାଲୁଛି ତାଳଦେଇ କନ୍ଧ ବୁଢୀ ସାଥେ,
ତା ଆଖିର କଡା ପହରାରେ,
ମୁଠାଏ ଭୟ ଆଉ ଶୂନ୍ୟତା ଆବୋରି
ଶଙ୍କାକୁଳ ବିଜନ ପଥରେ।
ଅୟୁତ ଆୟୁଷ ଥୋଇ ମୋ ମଥାରେ,
ବର୍ଷା ଛୁଆଁ ଡେବିରି ହାତରେ,
ଅନାସକ୍ତ ଅନୁରାଗ ତୋଳି, ମିଶିଗଲା
ଜହ୍ନ ରାତି, ମଧୁ ଚନ୍ଦ୍ରିକାରେ।

❖❖❖


ରଲତି ରାତି

# ଚଇତି ରାତି

ଝରନିଆଆମା, ପଡିଲା ଲେନ୍ତି,
ପବନ ଉଲ୍ ଉଲ୍,
ପାଦକୁ ତାର, ଦେଇଛି ଛନ୍ଦି,
ବଣ ମଲ୍ଲୀର ଫୁଲ୍ ।
କାଖରେ ଜାକି, ମହୁ ଫେଣାକୁ,
ଝରନିଆ ଆମା ହସେ,
ଶିଆଳି ଲତା, ପଇତା ଝୁଲେ,
ଆମ ବଉଳ ବାସେ,
ପବନ ବହେ, ଦୋହଲେ ଡାଳ,
ପତର ଯାଏ ହଲି,
ଚରତ୍ ଦେବତା, ଉଠିଲେ ହସି,
ଆସିଲା ଚଇତାଳି ।
ଡଙ୍ଗର ଡେଇଁ ରିଞ୍ଜାଡୀ ଆସେ,
ଗୁମ୍‌ଟା ଗୁମ୍‌ଟା ଖରା,
ଶାଳବନ୍‌ର ଛାଇରେ ବସେ,
ଆଖିରେ ଫୁଟେ ତାରା ।
ଖସେ ରିଞ୍ଜାଡା, ପାହାଡପରୁ,
ସୁରୁଡୀ ହାତେ ନେଇ,
ରିଞ୍ଜାଡା ଆସେ ଗାଗରା ନାଇ,
ଶାଳବନ୍‌ରେ ଛାଇ ।
ରିଞ୍ଜାଡା ବୋଲେ, ରିଞ୍ଜାଡୀ ତୁଇ,
କେନେ ତୋର ଘର୍,
ଉଡି ଯାଉଛି କାଙ୍ଗୁଲାଡ଼ି,
ଯାଏ ଯେତେ ଦୂର୍ ।

ଜନ୍ ଉଦିଲେ, ଉଜ୍‌ଲି ଦେଶେ,
ହସେ ବଦ୍‌ଲୀ ଫୁଲ୍,
ଡ଼ଙ୍ଗର୍ ତଲେ, ତଲିଆ ନାଲେ,
କକ୍‌ଡା ଆକି ଗୋଲ୍।
ରିଞ୍ଜଡା କହେ, ଶୁନ୍ ରିଞ୍ଜଡୀ,
ପାହାଡ ପରେ ଘର୍।
ଲୁଚିଆ ଭାଲୁ, ଘୁରି ବୁଲଇ,
ଅନ୍ଧାର ବନସ୍ତର୍।
ହସିଲା ବନ୍, ଉଦିଲା ଜନ୍,
କାକେ ନେଇଦିଏ ଧରା,
ସକାଳ ହେଲେ, ଶାଳବନ୍‌ରେ
ଛେକି ଛେକି ଖରା।
ବଜାଇ ଦେଲା, ସୁରୁଡି ତାର,
ରିଞ୍ଜଡା ଦେଲା ହସି,
ନାଚି ଉଠିଲା, ରିଞ୍ଜଡୀ ଯେବେ,
ଝାମି ପଡିଲା ଖସି।
ଏକେଲେ ବିଜ୍‌ଲୀ, ସେକେଲେ ବିଜ୍‌ଲୀ,
ବିଜିଲୀ ଝଟ୍‌କେ ତାରା,
ପୁରୁଷ ଜାତିକେ ପର୍‌ତେ ନାହିଁ,
ଯାର ସାଙ୍ଗେ ତାର୍ ପାରା।
ଧାଡିକି ଧାଡି ଆସେ ରିଞ୍ଜଡା,
ରିଞ୍ଜଡା ଧାଡି ଧାଡି,
ହାତକୁ ହାତ ଛନ୍ଦି ଦେଇକି,
ପଛକୁ ପଛ ଫେରି।
ହାତ ଗୁଡେଇ, ରିଞ୍ଜଡା କଟି,
ପାଦରେ ପାଦ ମିଳେ,

ଖସି ଲୋଟୁଛି କସ୍ତାକାନୀ,
ଢୋଲ ବାଇଦ ତାଳେ।
ରିଞ୍ଜଡୀ ବୋଲେ ନାଚଗୀତରେ
ଆସେ ଉଁଆସ ରାତି
ଜନ୍ ବୁଡିବ ଆଜିରେ ତୋର,
ଛନ୍‌କା ଛନ୍‌କା ପ୍ରୀତି
ଢୋଲର୍ ତାଳେ, ରିଞ୍ଜଡା ବୋଲେ,
ଚଇତି ଛୁଆଁ ମନ୍,
ଫିଟି ଯାଉଛୁ ହାତରୁ ମୋର,
ନାଚି ଯାଉଛି ବନ୍।
ପତର୍ ତୋଲି ଯାନା ନନୀ,
ଡେଣ୍ଟକା ଡରାଉସି
ସିନ୍ଧିବୁଟା ତଳେ, ଡୁଡ୍‌କା ରେଲେ,
ବଘେଇ ଡେଗେଇସି।
ଡଡ଼ରା ବାଜେ, ରିଞ୍ଜଡୀ ନାଚେ,
ଘଡ଼ିମରା ଜନ୍ ରାତି,
ମୁଇଁ ନାଇ ମାଗେ, ଖାଗଲା ଗୁଟେ,
ତୁ ମଧୁବନ୍ ମୁଇ ମାଳତୀ।
ଜୁଙ୍ଗୁଲ୍ ବାଜେ, ନାଗରା ବାଜେ,
ବାଜେ ଗୁଙ୍ଗୁର୍ ବାଡି,
ମୁଣ୍ଡରେ ତାର୍, ଗୟଲ ସିଂହ,
ନାଚେ ରିଞ୍ଜଡା ଘୁରି,
ଘୁମୁରା ତାଳେ, ରିଞ୍ଜଡୀ ବୋଲେ,
ଆଖିରେ ତୋର ଡର,
ସୁରୁଡି ତୋର ଥମି ଯାଇଛି,
ତୋଲନା ଆଉ ସୁର୍।

ଲୁଡାଙ୍ଗୁ ସୁନ୍ଦର ବଦ୍‌ଲୀ ଫୁଲ,
ଗଲାକେ ସୁନ୍ଦର ଗୋପ୍,
ତୋକେ ସୁନ୍ଦର ମୁଇଁ ରିଞ୍ଜଡା,
ମୋକେ ନ କିରିସ୍ କୋପ
ମହୁଲ ଫୁଲ୍ ଯାଇଛି ଲୋଟି,
ପବନ ଯାଏ ଢଳି,
ଚଇତି ରାତି ଯାଉଛି ବିତି,
ଚହଟେ ଚଇତାଳି।
ଶାଳବନ୍‌ରେ ବୁଡ଼ିଲା ଜନ୍,
ମାଡିଲା ଅନ୍ଧକାର,
ଡ଼ଙ୍ଗର୍ ତଲେ, ରାବି ଉଠିଲା,
କୁତ୍ରା ବନସ୍ତର୍,
ଶାଳବନ୍‌ରେ ଅନ୍ଧାର ମାଡେ,
ଫିଙ୍ଗିଲା ଛାୟାପାତ୍,
ମଉଳିଗଲା, ଚଇତି ରାତି,
ଥମିଲା ପଦପାତ୍।
ସର୍‌ଗୀ ଖମ୍‌ନେ, ଫୁଟିଲା ଛାତି,
ଡାକଦେଲା ରସବତୀ,
ଫଇରେ ଚାଲେ ଧାଙ୍ଗଡା ତାର,
ଶାଳବନ୍‌ରେ ରାତି।

❖❖❖

# ପୁଷ୍‌ପୁନିଆ

ପୁଷ୍ ମାସର୍, ମହୁଲି ଖରା,
ପାହାଡତଲେ ଛାଇ,
ଧାଙ୍ଗୀଡୀ ଆସେ, ଡଙ୍ଗର୍ ବୁଲି
ଟଣ୍‌କା ଆକି ନେଇ ।
ଝୁମ୍‌ରା ନାଚେ ଆକିରେ ତାର୍
ହଲ୍‌ଦୀ ଚିକନ୍ ଟକୀ
ଧାଙ୍ଗଡା ଆସି, ଡେଗେରେଇସି,
ଗେଣ୍ଡ୍‌କି ପରି ଆଜି ।
ଧାଙ୍ଗୀଡୀ ବୋଲେ, ଏକଲା ଗରେ
ରାତି ଲାଗେ ଚିମ୍‌ରା,
ଗତିଆ ଲୋକ୍, ରଇଲେ ଗରେ,
ଗର୍ ଉଷ୍‌ମେଇଗାଲା ।
କେରି କେରି, କାଇଁଚ ମାଳି,
ଧାଙ୍ଗୀଡୀ ଲୁସ୍ ଲୁସା,
ଗଣ୍ଠି ଗଣ୍ଠିକେ, ପିଉଲ ମୁଦି,
ଚିକି ଚିକି କୋଷା ।
ଟଙ୍ଗ୍ ଟଙ୍ଗଡା, ବଜାଏ ବସି
ଜରୁଆ, ବାଘୁଆ ବନ୍
ଜଗି ବସିଛି, ଅଲ୍‌ସି ଖେତ୍
ଡଙ୍ଗର ଶୁନ୍ ଶାନ୍
ଅରନ୍ ପାନି, ଲାଗପି ପିତା
ସଲ୍ ସଲିଗାଲା ମନ୍
ଇଡିଡେଇଁ ଯାଉ, ଧାଙ୍ଗଡି ତୁଇ,
ପୁଷ୍ ପୁନିଆ ଜନ୍ ।

ଧାଙ୍ଗଡୀ ବୋଲେ ଡଙ୍ଗର ତଲେ
ରହେ ବଲ୍‌ସାଗର୍
ଖେତିରେ ବୁଲେ, ଖୁଦୁର୍ ମାନ୍ଦା
ବେଢାପାନିକରେ ଗାର୍ ।
ରାତିଶୋଇନି, ଦାନା କାଇନି
ବୁଆକୁ ଭାଲୁ ଜର୍
ଭୁଟୁରୁ ଭୁଟୁରୁ, ବେଜୁଣୀ ବୁଢୀ
ଫୁଙ୍କସି ଅଚି ମନ୍ତର ।
ଆଷାଢ଼ ହେଲେ, ତଲିଆ ନାଲେ,
କଲିଆ କକଡା ବୁଲେ,
ବଇଶାକ୍‌ରେ ଜବର କାରା,
ପୁଷ୍‌ରେ ଅତରା ଜଲେ ।
ଧାଙ୍ଗଡା ତୁଇ ରସ୍ ପିଇଚୁ,
ଆକିରେ ତୋର ନିଶା
ହାଣ୍ଡିଡୁଙ୍ଗ୍ ଡୁଙ୍ଗ୍, ରେପିଲେ ଯାଇ,
ଖେଦିମାରିଯାଏ ମୂଷା ।
ଘୁଟ୍ ଘୁଟା, ଶବଦ୍ କାରି,
ବାହାରା ତାଡେ କନ୍ଦ
ଧାଙ୍ଗଡା ବୋଲେ, ଶୁନ୍ ଧାଙ୍ଗଡି,
ଡଙ୍ଗର୍ ନିଶବଦ୍ ।
ମଜୁର୍ ନାଚେ, ଡାହୁକ୍ ଲୁଚେ
ଉଡେ କାଙ୍ଗୁଲାଡି,
ବଣ କୁକୁଡା, ରାବି ଦେଲେ
ଅନ୍ଧାର ଯାଏ ମାଡି ।
ଲୁଚିଆ ଭାଲୁ, ଲୁଡୁ ଲୁଡୁକା
ମହୁଲ ବନେ ପଶେ,

ବଣୁଆ ଭୂଆ, ଖେତ୍ ବାଡିରେ,
ଅନ୍ଧାରେ ଛକି ବସେ ।
ଗାରୁଡୁ ଆସେ, ରିବୁନୁ, ଆସେ,
ଆସେ ଅଧିକାରୀ
ରସ ପିଇବ, ମୁର୍‌ଗି ନେବ
ଯାଏ ସିଟିମାରି
ଲୁସ୍ ଲୁସିଆ, ଧାଙ୍ଗଡୀ ତୁଇ
ଆଷାଢ ଲେଞ୍ଜୁ ତାରା
ଆକିରେ ତୋର୍, ଝୁମ୍ରା ନାଚେ
ଡଙ୍ଗର୍ ତଳେ କାରା ।
ନାଚି ଯିବୁତ୍ତୁ, ଝୁମୁରୁ ଝୁମୁ,
ଢେମସା ନାଚ୍ ଗୀତ
ରସପିଇକି, ନାଚିଯିବି ମୁଁ
ପୁଷ୍‌ପୁନିଆ ରାତ୍ ।
ତୋର୍ ନାଚ୍, ଢେଁ ଢେଁ କା
ଅଣ୍ଟାଝୁଲାନି ନଇଁ
ଗୋଡ଼୍‌ଜିଟି ନାଚି ପାରୁନୁ,
ନିଚୁ ନିଚୁ ନାଇଁ ।
କୁଟ୍ରା ମାଆଁସ, କାଁଣ୍ଡେକା
କୁକୁର କାନ୍ଦେ କୁଇଁ,
ରସ୍ ପିଇକି, ବାଟ ଚାଲୁଛୁ,
ଗଡମ୍ କର୍ ନା ତୁଇ ।
ଖସେପତର୍, ଆସେ ଅନ୍ଧାର୍,
ମାଳପବନ ଶୀତ,
ଦେକ୍ ଧାଙ୍ଗଡା, ବାଜେ ବାଇଦ,
ଦୁମ୍ ଦୁମ୍‌କା ଗୀତ ।

ଶୁଣିର୍ ମାଇଜୀ ଦେଇଛି ରସ୍,
ଘଲୁଛୁ ଝୁଲି ଝୁଲି,
ପରଜା ମରେ, ବୁଲି ବୁଲିକା,
ବାଉଁଶ ମୋରେ ଜୁଲି ।
ଓ୍ୱେନେ ଓ୍ୱେନେ, ଶାରିଆ ଦାନ୍,
ବଘେଇ ବୁଲେ ବନ୍,
ଫିରି ଘାଷ ତଲେ, ଢ଼େଗେରେଇସି,
ଥାଇତା ନାଇଁ ଜୀବନ୍ ।
ଗାଁ ନସିବ, ଘୁରି ବୁଲିବ,
ନାଇରୋପାନି, ନିଜାନି,
ଅନ୍ଧାର ହେବ, ଟାଟି ପଡିବ,
ବଘେଇ ନେବ ଟାଣି ।
ଧାଙ୍ଗଡ଼ୀ ବୋଲେ, ଶୁନ୍ ଧାଙ୍ଗଡ଼ା,
ଡ଼ଙ୍ଗର୍ ସେକାନି ଗର୍,
ତୁଇ ଧାଙ୍ଗଡ଼ା ଡରିଯାଉଛୁ
ଲାଜ୍‌ସେ ହର୍‌ବର୍ ।
ଟିଟ୍‌ଲି ଝାଟିରେ, ନାଲି ମରିଚ,
ଗାଗୁଡୁ ଦେଇସି କବର୍,
ନଳୀ ବନ୍ଧୁକରେ ଢୁ କରିଦେବ
ବଘେଇ ଆସିଲେ ପଦର୍ ।
ଛେର୍ ଛେରା, ଆନିବି ମୁଇଁ
ଝଟା, ଲଟା କାଠି,
ପିଠା କୁଟ୍‌ଲୁ, କରିବି ଯାଇଁ
ବେଳ ଅଛି ଦୁଇଲାଠି ।
ଫେରି ଯା ତୁ, ଧାଙ୍ଗଡା ଏବେ,
ଘଡି ମରା ଜନ୍ ରାତି,

ଝୋଲାରେ ପଶେ, ଧାଙ୍ଗଡୀ ହସେ
ଡାକ୍ ଲା ରସ୍ ବତୀ ।
ଇଶର୍ କାଇଲା, ମୁଗ୍‌ନୀ କଦ୍‌ଲି,
ପାରବତୀ କାଇଲା ଚପା,
ବନସ୍ତରେ ଯାଇ ଗାଇ ପଳାଇଲେ
ବଲଦ୍‌କୁ ମାରେ ଦୁକା ।
ମାଣ୍ଡିଆ ପଦାରେ, କାକର୍ ଟୋପା,
କୁଟ୍ରା ରାବିଦେଲା,
ଏକ୍‌ଲେ ଧାଙ୍ଗଡି, ସେକ୍‌ଲେ କୁଟ୍ରା,
ମନ୍ ଦୁକାୟାଲା ।
ସାଉଁତା ଗର୍, ଖେତ୍ ଜଗିଛି
ଭାଙ୍ଗିପଡିଛି ପଲା
ଟଙ୍ଗ୍ ଟଙ୍ଗଡା, ବଜାଇ ଦେଲା
ତିତ୍‌ଲି, ଝାଟି ମେଲା ।
କୁଟ୍ରାଗାଲା, ଆଡ୍‌କି ବିଡ୍‌କି
ଖାଡା ପଡିଲାଜାଲେ
ମୁର୍‌କୀ ମାରି, ଧାଙ୍ଗ୍‌ଡୀ ଗାଲା
ଡଙ୍ଗର୍ ତଲିଆ ନାଲେ ।

❖❖❖


ଡୁଙ୍ଗ ଡୁଙ୍ଗାର ସୁର

# ଡୁଙ୍ ଡୁଙ୍ଗାର ସୁର

ଢେଉ ଢେଉକା, ଆକାଶ ତଳେ,
ଝାଟି ମାଟିର ଘର,
କୁଞ୍ଜ କୁଞ୍ଜିଆ, ପାହାଡ଼ ଘେରା,
ଝରଣା ଝର ଝର।
ବାଦଲ ନୁଏଁ, ପାହାଡ଼ ଛୁଏଁ,
ଢାଳେ, ବରଷା ଧାର,
ବରଷା ସାଥେ, ପ୍ରପାତ ମାତେ,
ଶୁଭେ ଘୁଙ୍ଗୁର ତାର।
ଅଳସୀ ହସେ, ଖେତ୍ ବାଡିରେ,
ମହୁଲ ବୁଣେ ସ୍ୱପ୍ନ,
ସୋରିଷ, ଜନା,ଶିଆଳୀ ଲତା,
ପବନ ଛନ୍ଦ ମଗ୍ନ।
କୁରେଇ ଫୁଲ, ଜୁଡାରେ ନାଇ,
ଧାଙ୍ଗଡା ଭଣେ ଗୀତ,
ଡୁଙ୍ଗ ଡୁଙ୍ଗାର, ଐକ୍ୟତାନେ,
ଧାଙ୍ଗିଡି ଖୋଜେ ମିତ।
ଚହଲା ମନ, ମଅଁକି ଯାଏ,
ମହୁଲି ସ୍ୱପ୍ନ ପିଇ,
ପୀରତିଛୁଆଁ, ଦେହରେ ତାର,
ଯଉବନର ଛଇ।
ଉକୁଟି ଉଠେ, ନିଟୋଳ ହସ,
ଛାୟା ଅନ୍ଧକାରେ,
ପ୍ରୀତି ଛନ୍ଦା ମନଟି ତଳେ,
ଆଦି ଅଭିସାରେ।

ଧାଙ୍ଗଡା କହେ, ମହୁଆ ତୁମ,
ଶବ୍ଦ ଭରା କାଚ,
ଲଗାଲା ଦୁଃଖ, ଉତୁରି ଆସେ,
ସରିନି ଆମ ନାଚ।
ଧାଙ୍ଗଡି ବୋଲେ, ନାଚର ତାଲେ,
ତୁମେ ତ ଝୁମୁଥିଲ,
କାଉ ରାବିନି, ଶୀତ ସରିନି,
ତୁମେ ତ ଚାଲିଗଲ।
କଳା ବାଦଲ, କଲା କି ଗ୍ରାସ,
ହୁଗୁଳା ତୁମ ଡୋର,
ଥମି ତ ନାହିଁ, ପାଦ ପାଉଜି,
ଡୁଙ୍ଗ ଡୁଙ୍ଗାର ସୁର।
ଝୋଲାରେପଶି, ପାଣିକୁ ଛାଟି,
ଧାଙ୍ଗଡି ହସା ହସି,
ମଦନ ମାତେ, ରକ୍ତ ତାତେ,
ଟାଙ୍ଗିଆଟାକୁ ଖୋସି।
ଝୋଲାରେ ପଶି, ଝିକା ଟନା,
ଧାଙ୍ଗଡି, ଛାଟି ପିଟି,
ବାଘର ବଳ, ଧାଙ୍ଗଟା ତାର,
ଆଖିଟା ମିଟି ମିଟି।
ଶାଳର ବନ୍, ଉଦିଲା ଜନ୍,
କୁରାଂ କୁର୍ କୁର୍,
ଶାର୍‌ଦା କଲା, ରାତି ପାହିଲା,
ମହୁଲି ନିଶା ଚୁର୍।
ଝୋଲାର୍ ତଳେ, ଗଛର୍ ମୁଳେ,
ପାନି ଚହଲି ଗଲା,

ଆତେ ଧର୍ କରି, ଫୁଲର ବିଚ୍‌ନା,
ଧେତରା କେନ୍‌କେ ଗାଲା ।
ବୁଆଟା ଖୋଜେ, ଧାଙ୍ଗଡି ଘର୍,
ବନ୍ଧୁ ମଇତର୍,
ଧାଙ୍ଗଡା ବୁଆ, କଥାଟି ଦିଏ,
ମଦ୍ ମାଉଁସର୍ ।
ଦିଶାରି ମନ୍ତର୍, ଗୀତ୍ ନାଚର୍,
ମଣ୍ଡିଆ ମଦ୍ ପିଇ,
ଢୋଲର୍ ତାଳେ, ନିଶାରେ ଢଳେ,
ମଦ୍ ମାଉଁସ ଖାଇ,
ଅଣ୍ଟାରେ ଘୁମୁରା, ଛାତିରେ ଝାମି,
ଟୁନୁ ଟୁଙ୍ଗୁଲୁ ନାଇ,
ଜଙ୍ଗଲ ବଧୂ, ଝୁମୁରୁଝୁମ୍,
ଶାଳବନରେ ଛାଇ ।
ଶିଆଳି ଲତା, ବାଉଁଶ୍ ବତା,
ଝାଟି ମାଟିର୍ ଘର୍,
ଛାଉଁଣି କରେ, ଅଣ୍ଡା ତାର୍,
ଝାଳ ଧାର୍ ଧାର୍ ।
ମାଟି କାଦୁଅ, ଚକଟି ଦେଇ,
ଧାଙ୍ଗଡି ବୋଲେ ଗୀତ,
ଧୂଙ୍ଗିଆ ଖାଇ, ପାନି ମୁଣ୍ଡେଇ,
ଡାକେ ପରାଣ ମିତ ।
ଛାଡ୍‌ଲେ ଗୀତ, ଛାଡ୍‌ଲେ ନାଚ୍,
ଛାଡ୍‌ଦିଲେ ରାମା ଖୋଷା,
ଆୟାକେ ଛାଡ୍‌ଲେ, ଉବାକେ ଛାଡ୍‌ଲେ,
ତୁକେ କରଲେ ଆଶା ।

ଧରମ୍ ଦେବତା, ବୁଆ ଆମର୍
ଧରତୀନି ଆମ ଆୟା,
ଡଙ୍ଗର୍ ଆମର, ଘର୍ ବୋଇଲେ,
ବନସ୍ତ ଆମର୍ ଗାଆଁ ।
ଡଙ୍ଗର୍ ତାଡି, କରିବ ଚାଷ,
ଫସଲ ଦେବ ଢାଳି,
ରଙ୍ଗ୍ ଚୁଲିରେ, ଶାଗ କୁମୁଡା,
ହାତରେ ନେବ ତୋଳି ।
ଉଦିଲା ଜନ୍, ଯାଉଛି ବୁଡି,
କାବ୍ରା ଚିତ୍ରା ବାଗ,
ଡଙ୍ଗର ଡେଇଁ, ଆସୁଛି ଧାଇଁ,
ଆଖିରେ ରକ୍ତ ରାଗ୍ ।
ବର୍ଷା କାଚେ, ଅନ୍ଧାର ନାଚେ,
ମାଡି ଆସୁଛି ରାତି,
ତନ୍ଦରା ମିଶା, ଆଖିରେ ତାର,
ଯଉବନର ତାତି ।
ଭିଡି ଧରିଛି, କସ୍ତା କାନି,
ମରଦ୍ ଶାର୍ଦାରେ,
ତୋଳି ନେଉଛି, ହାତେର୍ ତାର,
ମୁର୍କି ହସା ମାରେ ।

❖❖❖


ଶାଳବନର ସାରି

# ଶାଲବନ୍‌ର ସାରୀ

ଆଟଲ କୋଲେ, ଅଲ୍‌ସି ଫୁଲ,
କାଚାକାନ୍ଦୁଲ୍ ଲେନ୍ତି,
ଶୀତଲ୍ ବେଲା, ଧାଙ୍ଗଡି ବୁଲେ,
ହାତର୍ ତାର୍ କାତି ।
ଡଙ୍ଗର କାନି, ଗିଆସି ଶାରି,
ଫୁଲ ଫୁଟେ ଗାଡାଗାଡା,
ତଲିଆ ନାଲେ, କଲିଆ କକଡା,
ଖେତରେ ବୁଲେ ଖାଡା ।
ପାହାଡ୍ରୁ ଗଡେ ଦନ୍ତା ହାତୀ
ଦଲି ଦେବ ସେ ଖେତି,
ଡାକ୍ ମାରିଲା, ଧାଇଁ ଆଇଲେ,
ଟିନ୍ ବାଜା ପିଟି ।
ହାତୀ କାଇଲା, ଡାଲ୍ ପତର୍
ବନସ୍ତ ଫେରିଗାଲା,
ଫେରି ଆସିଲା, ଧାଙ୍ଗଡି ଏବେ,
ହସ୍ ମୁକୁଳିଗଲା ।
ଝୋଲାର୍ ମୂଳେ, କୁରେଇ ଫୁଲ୍,
ମନ୍ ମଅଁକି ଗଲା,
ଗୀତ କୁଡିଆ, କବର୍ ଶୁନି,
ଦୁକ୍ ଦୁକାଏଲା ।
ଧାଙ୍ଗଡା ହାତେ, ତୁମ୍ବରା ତାର୍,
ବାଜିଲା କୁଇଁ କୁଇଁ,
ଧାଙ୍ଗିଡି ହାତେ, କାଙ୍ଗୁଲ୍ ନାଚେ,
ଝାମି ବାଜେ ଝାଇଁ ।

କୁଡିଆ ନିକେ, ଧାଙ୍ଗିଡି ହସ,
ଲୁସ୍ ଲୁସା ମନ୍,
ଆଖିଟି ତାର୍, ଉଜୁଲି ଉଠେ,
ଉଦିଲା ଶୀତଲ୍ ଜନ୍।
ଧାଙ୍ଗଡା ପିଇ, କଜରୀ ସଲପ୍,
ନିଶାରେ ବୁଡିଯାଇ,
ଗୀତ କୁଡିଆ ତଲେ ତଲେ,
ବାଲ୍ ମୁକୁଲା ଛାଇ।
ତୁମ୍ବରା ବାଜେ, ଧାଙ୍ଗଡା ବୋଲେ,
ପୁନିଆ ରାତିର ଜନ୍,
କି ବୋଲି ଡାକ୍ ବି ଧାଙ୍ଗଡି ମୁଇଁ
ଅଜନା ଅଚିନା ମନ୍।
ଧାଙ୍ଗଡି ବୋଲେ ରଙ୍ଗ୍ ପିଆଜ୍,
ତେଲ୍ ତୁଲ୍ ଦେଇ ଭାଜ୍,
ଦେକବା ଲୋକ୍ ଆଡେ ଟିଟେରେଲେ,
କାଇବା ଲୋକ୍‌କେ ଲାଜ୍।
ବାଟେ ବାଟେ ଗଲା ବାୟା ବାମନ୍,
ଉଦିଲା କଅଁଲ୍ ଜନ୍,
ତୋର ସାଥେ ଢେମ୍‌ସା ନାଚ୍,
ଡୁମୁରି ଫୁଲ ସମାନ୍।
ରାତି ପାଇଲା ନାଚ୍ ଗୀତ୍‌ରେ,
ତୁମ୍ବରା ହାତେ ଧରି,
ଫେରି ଆସିଲା ଧାଙ୍ଗଡା ଏବେ,
ମନଟା ଗଲା ମରି।
ଭିଡି ଧଇଲା, ଧାଙ୍ଗଡା ତାକୁ,
କଲା ଝିକା ଟନା,

ନାଇଁ ଯିବି ମୁଁ ତୋର ସାଥେ,
ଧାଙ୍ଗିଡି କଲା ମନା।
ଉତ୍‌ପାତ୍ ତୁ ନହରେ କରଡି,
ବଡ୍‌ଲେ ହେବୁ ବାଉଁଶ୍,
ବୁନ୍‌ଲେ ହେବୁସ୍ ଡାଲା ଚାଙ୍ଗଡା,
ପୋଡିଲେ ହେବୁ ପାଉଁଶ୍,
ଧାଙ୍ଗଡା ବୋଲେ ବୁଆଟା ମୋର୍,
ତୋଲାଗି ଖାଗ୍‌ଲା ଦବ,
ବୁଆକୁ ତୋର୍ ମଦ୍ ପିଆଇ,
ମନ୍‌ଟା ନେଇଯିବ।
ଖାଗ୍‌ଲା ଦେବ, ଚିପ୍‌ନା ଦେବ,
ଦେବ ଖାଦି ପିଦି,
ଟୁନୁଟୁଙ୍ଗୁଲ୍, ଏନ୍‌ଦାନା,
ହାତକୁ କଡୁ ମୁଦି।
କାର୍‌ନା ରୋଷ୍, ଧାଙ୍ଗଡି ତୁଇ,
ମୋଅରି କଅଁଲି ଜନ୍,
ତୁକେ ମୋର୍ ଶାର୍‌ଦା ଭାରି,
ଦେକ୍‌ବାକେ ମନ୍।
ହସି ଉଠିଲା ଧାଙ୍ଗଡି ତାର୍,
ଶୁନି ଶାର୍‌ଦା ଭାରି,
ଉଜୁଲିଗଲା, ଧାଙ୍ଗଡି ମନ୍,
ଆକିଦେଲା ମାରି।
କାଲିଆ ବଲଦ୍ କୁଣ୍ଡଲି ସିଂଘ୍,
ଉଧୁଲି ମାରୁଛି ନାତ୍
ଯେଦିନ ବାଜିବ, ପିତ୍ତଲ ମହୁରୀ,
ସେଦିନ ଧରିବି ହାତ୍।

ବୁଆକୁ ତୋର, କହିବୁ ଯାଇ,
ଆସିବ ଡେଇଁ ବନ୍,
ଧୁଙ୍ଗିଆ ମାଗି, ଧାଙ୍ଗଡି ତାର,
ଦେଇ ଦେଇଛି ମନ୍।
ଏକେନେ ଦେକ୍, ମହୁଲ୍‌ବନ୍,
ଢଙ୍ଗର୍ କାନି ଘର,
ସେକେନେ ଅଚି, ସିଆଲି ଲତା,
ହସେ ବଦ୍‌ଲି ଫୁଲ୍।
ମହୁଲ୍ ଖାଇ, ଲୁଚିଆ ଭାଲୁ,
ବିଙ୍ଗ୍ ଅନ୍ଧାରେ ଫେରେ,
କୁସ୍‌ମୁସିଆ, ଘାସ୍ ଦେକି,
ଚିତ୍ରା ହରିନ୍ ଚରେ,
ଛପି ଛପିକା ଚଇତି ରାତି,
ମହୁଲ୍ ଫୁଲ ଡାଲେ,
ଚଗଲା ଜନ୍, ଖେତ୍ ବାଡିରେ,
ଏକ୍‌ଲା ଏକ୍‌ଲା ବୁଲେ।
ବୁଆ ତୋ ଦେବ, କନିଆ ସୁନା,
ଆନିବ ନୁଆ ଖଦି,
ପୋଢ୍ ମାଉଁସ, ମାଣ୍ଡିଆ ମଦ୍
ମହୁଲ ମୂଳେ ରାନ୍ଧି।
ମାଟି ବେଦୀରେ, ମହୁଲ ଡାଳ,
କରସି ପାନି ଧାର୍।
ଡମ୍ ବାଜା, ଢୋଲ୍ ବାଇଦ,
ଦିଶାରୀ ଫୁଙ୍କିବ ମନ୍ତର,
ଝରନା କୋଲେ, ମହୁଲ ବନେ
ତାରା ଫୁଲିଆ ଘର,

ଖୁଦୁରମାନ୍ଦା, ଚିଉରା ବସା
ଥିବ ବଦ୍‌ଲି ଫୁଲ୍‌।
ବରଷା ଝଡି, ଧରି ଛାତୋଡି,
ପଥର ଦେବୁ ତାଡି,
ଡଙ୍ଗର କାନି, ଜନାସୁଆଁରେ
କୁଡୁଙ୍ଗ୍‌ ଯିବ ମାଡି।
ତାଳ ପତର୍‌, ଛାଉଣି ଘର୍‌,
ପାନି ପଡିବ ଝରି,
ଢାଲିଆ ଖୋସା ଫିଟି ପଡିଲେ,
ଅନ୍ଧାର ଯିବ ମାଡି।
ରାନ୍ଧିଦେବି ମୁଁ, ଶାଗ୍‌ କୁମୁଡା
ବୁଇଁ ରଙ୍ଗା ଚୁଲି।
ମହୁଲି ମଦ୍‌, ମାଣ୍ଡିଆ ପେଜ୍‌,
ଥାଲିରେ ଦେବି ଢାଲି।
କୁଟ୍ରା ରାବିଲେ ମହୁଲ ବନେ,
ମହୁଲି ନିଶା ଚୁର୍‌,
ଖସି ପଡିବ, ଆକିର୍‌ ନିଶା,
ଦେକି ଧାଙ୍ଗଡି ତୋର୍‌।
ମଅଁକି ଯିବ, ମହୁଲି ରାତି,
ମନ୍‌ଟା ହେବ ତୋଷ୍‌,
ଚଇତି ରାତି, ଚଇତି ମନ୍‌,
ଫୁଲର୍‌ ଘେନିବୁ ବାସ୍‌।
ତୋଲି ଆନିବି, କେନ୍ଦୁ ପତର୍‌,
ମକା, କାନ୍ଦୁଲ୍‌ ବାନ୍ଧି,
ଖେତ୍‌କୁ ଯିବି, ହାଟ୍‌ କରିବି,
ଆନିବି ଚନା, ଖଦି।

ଘୁରି ବୁଲିବୁ ବନସ୍ତରେ,
ଟାଙ୍ଗିଆ ହାତେ ନେଇ,
ପଛେର୍ ମୁଇଁ ବାଟ୍ ଚାଲିବି,
ତୋଅର୍ ଛାଏଁ ହୋଇ ।
ଆଶା ବାଲି ଫୁଲ୍, ବାଲି କେଲୁ
ଘେନି ନେବି ଲମ୍ ବାଡି,
ତୁଇଁ ମୁଇଁ ଯେବେ ସାଙ୍ଗରେରେ ବା,
ନାଇଁ ହେଉ ଛାଡ ଛାଡି ।
ଜୋଡା ଚୁମା ଦେବି, କୋଲରେ ଧରିବି,
କାରିବୁ ଶାରଦା ଭାରି,
ମନ୍ ମାରିଦେଲେ, ଉଡିଯିବି ମୁଁ,
ଶାଲବନ୍‌ର ଶାରୀ ।

❖❖❖


ବେଣ୍ଟ ପରବ

# ବେଣ୍ଟ ପରବ

ଫିଟି ପଡିଛି ଡାଲିଆ ଖୋସା
ଚହଲି ଗଲା ପାନି,
ଝୋଲାରେ ପଶି, ବୁଡି ଉଠିଲେ
ପାଲିବେ ଜାଗ୍ରାନୀ।
ମାଟା ଓଡ୍ଡୁ, ପାଦରେ କଡୁ
ଛନ୍ଦେ ଶିଆଳୀ ଲଟା,
ଝୁମ୍ରା ନାଚେ, ହାତରେ ଧରି
ଓଛନା ବାନା ପାଟା।
ଚାଲିଲେ ସବୁ ହୁଣ୍ଡିଘର୍,
ଛାପାରେ ବିହନ୍ ନେଇ,
ଦିଶାରୀ କରେ ପୁଜା ମନ୍ତର୍,
କୁକୁଡା ବଳିଦେଇ।
ପେଟରେ ଭୋକ୍, ଆକିରେ ଝୁମ୍ରା,
ରାତିରେ ଚରୁଅନ୍,
ପୂଜା ସଇଲେ ବିହନ୍ ନେବେ,
ବେଢାରେ ବୁଲିବେ ଧାନ୍।
ବୋଲିବେ ଗୀତ୍ ମାଟି ମା'କୁ,
ଜୁହାର ଆମର୍ ଢୋକେ,
ପଚୁର୍ କାଜେ, ଶାଗ୍ ଭାତ୍‌ଦେ,
ନଇଲେ ମରିବା ଭୁକେ।
ଦିଶାରୀ ଆନି, ମୁରୁଗୀ ଅଣ୍ଡା,
ନଅ ଧନୁରେ ମାପି
କାଟିଲା ଗାର୍, ଡାକ୍ ମାଇଲା,
ଶର୍‌କୁ ଦିଅ ଯୋକି।

ଲାକ୍ ବାଜିବ, ଅଣ୍ଡା ଫାଟିବ,
ଯାର୍ ବାଜିବ ତୀର।
ବାଜା ବାଜିବ, ବେଣ୍ଟ୍ କୁ ଯିବ,
ସାଜିବ ସରଦାର୍।
ଧନୁ ବର୍ଚ୍ଛା, ଟାଙ୍ଗି ଶୂଳ୍,
ଧୁଆ ପୋଛାକାରୀ,
ଦିଶାରୀ କରେ ପୂଜା ମନ୍ତର୍,
ସିନ୍ଦୁର ଦିଏ ବୋଳି।
ଢୋଲ୍ ବାଜିଲା, ଚାଙ୍ଗୁ ବାଜିଲା,
ବାଜି ଉଠିଲା ଭେରୀ,
ଧନୁ ଉଠିଲା, ନାଚ୍ ଚାଲିଲା
ବାଜେ ପିଉଲ୍ ତୁରୀ।
ମାଣ୍ଡିଆମଦ୍ ପିଇ ନାଚିଲେ,
ହାତରେ ଧନୁ ଧରି,
ବେଣ୍ଟକୁ ଗଲେ ଶିକାର କରି
ବାଜେ ଝୁମ୍‌କା, ସୁଷିର୍।
ଧିକ୍ ଧାଙ୍ଗଡା, ବୋଲେ ଧାଙ୍ଗଡି,
ଆଖିର୍ ତୋର୍ ଡର୍,
ବେଣ୍ଟ୍ ପରବେ ନାଇତୁ ଗଲୁ,
ରସ୍ ପିଇକି ଚୁର୍।
ଗୋବର ପାନି, କାଦୁଅ ପିଙ୍ଗି,
ବୋଲେ ତଅଡେ ଗୀତ୍,
ତୁଇ ଗୋଟେ କକ୍‌ର୍ କଲିଆ,
ନାଇକର୍ ଉତ୍‌ପାତ୍।
ତଡି ତଡି ନେଲା ଭୂଇଁରେ ପଡି,
ଉଠିଲା ଧାଙ୍ଗଡା ତାର୍,

ପଚୁର୍ ମାଣ୍ଡିଆ ମଦ୍ ପିଇଛି,
ଦୋଷ ନାଇଁ ନୁନୀ ମୋର୍।
ରସ୍ ପିଇଛି, ନାଚି ଯାଉଛି,
ତକେ ଦେକ୍‌ବାକେ ମନ୍,
ଧାନ୍ ବେତା ଆଦେ, ଉତ୍ରି ଗାଲାକି,
ପୁନିଆ ରାତିର୍ ଜନ୍।
ଆକି ମାରାମାରି, ଟଇଁକା ଟଇଁକି,
ଦାନାପୁଟା ଡେଙ୍ଗିଶାଲେ,
ନୁନିର୍ ମୁକେ, ଦେକ୍‌ଲି ମୁଇଁ,
ବଜାର୍ ଯିବାର୍ ବେଲେ।
ମାଣ୍ଡିଆ କାକ୍‌ଡା, ଚେପ୍‌ଟା ବାଡା,
ଫୁଲ୍ ଫୁଟେ ଗାଡା ଗାଡା,
ମୁଏଁ ମେଷ ନାଇଁ, ଛିଟାଇ ଗଡା,
ସଗର୍ଡ଼ା ମାଇଜୀ ଲୋଡା।
ଛେଲି କାଇଲା, ଲୁଡୁଲୁଡୁକା,
କୁକୁର କାନ୍ଦେ କୁଇଁ,
ଫେରି ଆସିଲେ ମନ୍‌କୁ ମାରି,
ଦେହ୍ ଝିମ୍‌ଟି ଝାଇଁ।
ଜନ୍ ଡୁବିଲା, ଅନ୍ଧାର ହେଲା,
ମହୁଲ୍ ଗଛ ମୂଳେ,
କୁଟ୍‌ରା ରାବିଲା, କାବ୍ରା ବାଗ୍,
ଘୁରୁଛି ବନସ୍ତରେ।
ବାଗ୍ ମାତିଛି, ଅନ୍ଧାର ଅଛି,
କାଙ୍ଗୁଲାଡି ଗଲା ଉଡି,
ବଘେଇ ଫେରେ, ପାହାଡ୍ ତଳେ,
କୁଟ୍‌ରା ବେକ ମୋଡି।

ଆକିରେ ଡର, ବେଣ୍ଟ୍ ସରଦାର୍
ଧନୁକୁ ହାତେ ଧରି,
ଛପି ବସିଲା ଗଛର୍ ଡାଲେ,
ଅନ୍ଧାରେ ଡରି ମରି।
ରାତି ପାହିଲା, ଘାସ୍ ଚରିଲା,
କାନ୍‌କୁ ଛାଟି ଦେଲା,
ଚିତ୍ରା ହରିଣ୍ ଆକିରେ ଡର୍,
ତର୍‌କି ଚାହିଁଦେଲା।
ବାଜିଲା ତୀର, ପଡିଲା ଢଳି,
ରକତ ଧାର୍ ଧାର୍,
ବାଜିଲା ତୁରୀ, ବାଜେ ମହୁରୀ,
ଚାଲିଲା ପଟୁଆର୍।
ହରିଣ ଥୋଇ,ହୁଣ୍ଡି ଘରେ,
ଢେମସା ନାଚ୍ ଗୀତ୍,
ନାଚି ଉଠିଲେ ଧାଙ୍ଗଡା ଏବେ
ଧରି ଧାଙ୍ଗଡି ହାତ୍।
ଅଣ୍ଟା ଝୁଲାନି, ଢେମ୍‌ସା ନାଚ୍,
ଶିକାର ଚାରିପଟେ,
ଫିଟି ପଡିଛି ଡାଲିଆ ଖୋସା,
ଆକିରେ ନିଶା ମାତେ।
ଟିପୁରୁ ଟିପୁରୁ ପାନି ମାରିଲେ
ବିରି ଫୁଲେ ନାଇଁ,
କେନ୍ତା ମହୁରୀଆ ଫୁକ୍‌ସି ଆଚେ
ଅଣ୍ଟା ଝୁଲେ ନାଇ।
ଧାଙ୍ଗଡି ବୋଲେ, ଶୁନ୍ ଧାଙ୍ଗଡା
ଶାର୍‌ଦା ନିମନ୍ତେ ଗାଇ,

ଝାଲିଆ ମଜୁର୍ ଛିଡ଼ି ପଡିଲା,
ଝରନିଆ ପାନି ଖାଇ ।
ଧାଙ୍ଗଡା ବୋଲେ, ପାଦରେ କଡୁ,
ନାଚୁଛୁ ଛମ୍ ଛମ୍,
ଟୁନୁଟୁଙ୍ଗୁଲ୍, ଯାଉଛି ନାଚି,
ନାଚି ଯାଉଛି ମନ୍ ।
ଚଇତି ରାତି, ପୁନିଅ ଜନ୍,
ଉଠିଲା ଆକାଶରେ,
ଦିଶାରୀ ଆଣେ ଡାଲ୍ ପତ୍ର,
ଜାଳିଲା ଧରତୀରେ ।
କାମ୍ନା ତାର୍ ଯାଉଛି ଜଳି,
ମନ୍‌ଟି ଆଲୋକିତ୍,
ମେଘର୍ ଡାକ୍, ଭୁକା ପେଟ୍,
ଶୁଖା ପଡିଛି ଖେତ୍ ।
ବିଜ୍‌ଲି ମାରେ, ବେଡାରେ ତାର୍,
କରିବ ଏବେ ତାଷ୍
କଥା ଦେଉଛି, ଧାଙ୍ଗ୍‌ଡୀତାର୍
ଆସିବ ପୁଷ୍‌ମାସ୍ ।



# ମାଙ୍ଗନୀ ବିବା


ରଣକୁହୁଡି ଯାଉଛି ମାଡି
କାଙ୍ଗୁଲାଡି ଗଲା ଉଡି,
ବିଙ୍ଗ୍ ଅନ୍ଧାରେ ବାଟ ଚାଲୁଛି
ଧାଙ୍ଗିଡୀ ଡରି ମରି ।
ଝରି ପଡୁଛି ମହୁଲ ଫୁଲ
ଆକିରେ ତାର୍ ଡର୍,
ଲୁଡୁକା ଲୁଡୁକୁ ଲୁଚିଆ ଭାଲୁ
ଫେରୁଛି ବନସ୍ତର୍ ।
ଧାଙ୍ଗିଡୀ ତଇଲେ ମହୁଲ୍ ଫୁଲ୍,
ଆକିରୁ ନିଦ କାଢି,
ଜାପାରେ ଭରେ ଚିମ୍‌ରା ଲାଗେ,
ମହୁଲ ପଡେ ଝଡ଼ି ।
ଗୀତ୍ ଗାଉଛି, ଡର୍ ଲାଗୁଛି
ଡୋଲି ଦେଇଛି ସୁର୍
ଗୀତର୍ ତାଲେ, ଫିଟିଲା କୋଷା,
ହଟିଲା ଅନ୍ଧକାର ।
ଚନ୍ଦନଚଞ୍ଚଡା ଖାଡା ପଡିଗାଲା
ଡଙ୍ଗର୍ ତଲିଆ ନାଲେ
ଡରି ଯାଉଛୁ ଧାଙ୍ଗଡ଼ୀ ତୁଇ,
ମହୁଲ ବଣ ତଳେ ।
ଉଇଲ୍ ଉଇଲ୍ ତଇଲେ ଧାଙ୍ଗଡୀ
ଧାଙ୍ଗଡା କଏ ହସି,
ଗୋଟାକ୍ ଗୋଟାକ୍ ତଇଲେ ବସି
ମଉଲ୍ ଯାଉଛି ଖସି ।

ପାନି ମାରିକରି ଛେକିଲା ଖରା,
ଛାତି ଦୁକ୍ ଦୁକାଏଲା,
ଧାଙ୍ଗଡୀ ତୁଇ ପୁନିଆ ଜନ୍
ମନ୍‌ଟା ଗୁମୁରି ଗାଲା ।
ପାରି ଦେଇଛୁ ଡାଲିଆ କୋଷା,
ଇଡି ଡେଇଁଗଲା ବେଙ୍ଗ୍
ତୋକେ ମୋର୍ ଶାର୍‌ଦା ଭାରି,
କୋଷାକେ ଟେକ୍‌ନା ଡାଙ୍ଗ୍ ।
ଗୋଟି ଖଟୁଛୁ, କକ୍‌ଡ ଚେଣ୍ଡି,
ମୁଏଁ ନାଇ, ତୋ'ର ମେଶ
ମାଣ୍ଡିଆ କକଡା, ଚେପ୍‌ଟା ଦାଡା
ବନ୍ଧା ପଡିଛି ହସ ।
ଧାଙ୍ଗଡା ବୋଲେ ଶୁନ୍ ଧାଙ୍ଗଡୀ,
ସିହନା ଧଇଲା କଷି,
ମୋତେ ଦେକି ମୁହଁ ହିଲାଇଲୁ,
କିଏ ଗଲା ତୋତେ ନସି ।
ନଦୀ ପାଳି ପାଳି, ଭେଲୁଆ ଗଚ,
ସେକେନେ ଧାଙ୍ଗଡା ଘର୍,
ହଣସ ଗଚ୍ ବନ୍ଧ୍ ଭିଡିଛି,
ବେଡାରେ ଗିଆସି ଫୁଲ୍ ।
ତାଆର୍ ବୁଆ ଆଇଲା ଘର୍,
ଚାଉର୍ ମଦ୍ ନେଇ,
କହିଲା ଦିବ ପୋଢ କୁକୁଡା
ଛେଲି ପୋଢ଼ ଦୁଇ ।
ରସ୍ ପିଇଲା ବୁଆଟା ମୋର
ଚାଉର୍ ମଦ ନେଇ,

କଲା କୁକୁଡା, ମହୁଲୀ ମଦ
କଥାଟା ଦେଇ ଦେଇ।
ଡଙ୍ଗର୍ ଡେଇଁ କଲ୍‌ସି ନେଇ,
ଦିଶାରୀ ଗର୍ ଗାଲା,
ବୁଆଟା ମୋର୍ ଜୁହାର୍ ହୋଇ,
ଚାଉର୍ ଥୋଇ ଦେଲା।
ଚାଉର ଦୁଇ, ପାନିରେ ଥୋଇ
ଦିଶାରି ବୋଲେ ମନ୍ତର୍
ଚାଉର ଯେବେ ଭାସି ଉଠିବ,
ହୋଇବ ଅମଙ୍ଗଲ୍।
ଗୋଟେ ଚାଉର୍ ବୁଡିବ ଯଦି,
ଆର୍ ଚାଉର୍ ଉଭା,
ଘର ଭାଜିବ, ମନ୍ ଫାଟିବ,
ମନା ମାଙ୍ଗନୀ ବିବା।
ଦୁଇ ଚାଉର୍, ବୁଡିଲା ଧୀରେ,
କରସି ପାନୀ ତଲେ,
ବୁଆର ହସ୍ ଚହଟି ଗଲା,
ମଉଲ୍ ଗଚ ମୂଲେ।
ପୁଷ୍ ମାସର ପୁନିଆ ଜନ୍,
ଆକାଶେ ଉଠୁଥିବ,
ଝାଲିଆ ନିନା ଧାଙ୍ଗଡା ସାଥେ,
ମାଙ୍ଗନି ବିବା ହେବ।
କଙ୍ଗଡା ଗାଡ୍ ମାଟି ଆନିବ,
ମୂର୍ତ୍ତି ଗଡିବ ଜାନୀ,
ଧର୍‌ନୀ ପେନୁ, ରକ୍ତ ଢାଳିବ,
କୁକୁଡା ଦେବ ହାନି।

ବାଜିବ ଢୋଲ୍, ଡମ୍ ବାଇଦ,
ନାଚ୍ ଗୀତରେ ଝୁଲି,
ଘୁରି ବୁଲିବି ଶୀଲର୍ ପାଶେ,
ଥିବ କନ୍ଦା ଚୁଲି,
ସାତ୍ ଶୀଲପୁଆ, ସାତ ପୁରୁଷ
କାନି ଆଙ୍ଗୁଠି ପାନି,
ବାଜି ଉଠିବ, ପିତ୍ତଲ ତୁରୀ,
ଦିଶାରୀ ମନ୍ତର୍ ଶୁନି,
ଝୋଲାର୍ ମୂଳେ ପିତ୍ତଲ୍ ମାଳ,
କଡୁ ବାଜିବ ଝାଇଁ,
ଘଷି ଫଡାକୁ ତୀର ମାରିବ,
ଧାଙ୍ଗଡା ସାଇଁ ସାଇଁ,
ଧାଙ୍ଗଡାଟାର ମୁଏଁ ଧୋଇବି,
କାଇବ ସାତ ଥର,
ଅଭାବ ଆଉ ରଇବ ନାଇଁ,
ଖାଦି ପିନ୍ଦିରେ ମୋର,
ଧାଙ୍ଗଡା ଚାଲେ ଜୀକା ଟାନି,
ଝୋଲାର୍ ପାଶ୍‌ଯାଇ,
ପଛକୁ ଥରେ ଫେରି ଚାହିଁଲା
ମନ୍‌ଟା ମାରିଦେଇ।
ଧାଙ୍ଗଡୀ ବୋଲେ ମଉଲ୍ ଗଚେ,
ଚଗ୍‌ଲି ଗଛେ ଗଇ,
ଉଲ୍‌ଟି ଆଲ୍‌ଟି ନଦେକ୍ ବଂଜ୍‌ଡା
ମୁଇଁ ତୋ ମାଇଜି ନଇଁ।

❖❖❖


ମେରିଆ ପରବ

# ମେରିଆ ପରବ

ନାଚି ଉଠେ, ପାଦ୍ ପାଉଜି,
ଢୋଲିଆ ପିଟେ ଢୋଲ୍,
ଝୁମେ ଧରତୀ, ଝୁମେ ଦର୍ମୁନ୍,
ବାଜେ ମାଟିର୍ ମର୍ଦ୍ଦଳ,
ବେଜୁ ନାଚେ, ବେଜୁଣି ନାଚେ,
ଝୁମୁରି ଉଠେ କାଜୁଲ୍,
ଆଖିରେ ନାଚେ, ମହୁଲୀ ନିଶା,
ପାଦରେ ନାଚେ, ଘୁଙ୍ଗୁର୍।
ଝୋଲା ତାତେ, ରକ୍ତ ମାତେ,
ନିଶାରେ ଟଳ ଟଳ,
ଟାଙ୍ଗିଆ ହାତେ, ଧାଙ୍ଗେଡି ସାଥେ,
ଧାଙ୍ଗଡା ଦଳ ଦଳ।
ପବନ ଆସେ, ଗୁମୁରି ବସେ,
ଢାଲିଆ ଖୋସା ଖସେ,
ଜୁଡାକୁ ବାନ୍ଧେ, ଛାଇରେ ବସି,
ଧାଙ୍ଗଡା ମୁର୍କି ହସେ।
କୁଟ୍ରା ରାବେ, ଝୋଲାର୍ ମୂଳେ,
ଟିପ ମାରେ ଜାନୀ,
ଶକ୍ତ ଶାଳ, ଶବ୍ଦ ବାରେ,
ଅନ୍ଧାରରେ ଚିହ୍ନି।
ଚୋଟ ବାଜେ, ନିଶାର୍ଦ୍ଧରେ,
ରାତି ଶୁନ୍ ଶାନ୍,
କେଡୁ ଖୁମ୍ବ, ପୋତେ ଜାନୀ
ଥାଏ କଅଲ୍ ଜନ୍।

ଚଢେ ଲାମ୍ବା, ବରଗଛ
କୋରଡରେ ପଶି,
କାଢିନିଏ ଲୁହା କଡି,
ଜୀବାତ୍ମାର ଫାଶୀ।
ଚଳେ କିଶୋରୀ, ପଛେ ପୂଜାରୀ,
ମୟୂର ପୁଚ୍ଛ ଧରି,
ନଷ୍ଟ ଆତ୍ମା ତଡି ଫେରନ୍ତି,
ଝୋଲାରୁ ପାଣି ଡୋଳି।
ବୁଲି ଆସେ, ପରବ୍ ଦିନ
ବନ୍‌ଦୁ ମଇତର୍,
ଶାଳ ବାଡି, ଧର୍‌ତୀରେ,
ପିଟେ ବାର୍ ବାର୍।
କନ୍ଧ ବୁଢା, ଧାଙ୍ଗଡା ମିଳି,
ଲମ୍ବା ବାଉଁଶ ବାଡି,
ଶବ୍ଦ ମାଡ, ଧରଣୀରେ
ରକତ ପଡେ ଝରି।
ଥମି ପଡିଲା, ମଇତର୍,
ଗୁମର୍ କଥା ଫିଟେ,
ମାଉଁସ ଭାଗ୍ କଥା ଦେଇ,
କଲି କଜିଆ ତୁଟେ।
ବାମ୍ଫ ଉଠା ଭାତ ଫିଙ୍ଗେ,
ଆଗରେ ଜାନୁଆର୍
ସହିବ ଯିଏ, ଉପାସୀ ସିଏ,
ଶୁଦ୍ଧ ଚିତ୍ତ ତାର୍।
ବସିବ ସିଏ, ଜାନୀର୍ ପାଶେ,
ଲିଙ୍ଗା ଜାନୀ ସାଥେ,

ରକ୍ତ ଭିଜା, ଛେଲାଏ ମାଂସ,
ନେବ ନିଜର୍ ହାତେ ।
ସୂର୍ଯ୍ୟ ଢଳେ, ପାହାଡପରେ,
ଜାନୀ, ଉଠାଏ ହାତ,
ଚୋଟ ମାରେ, ମାର୍ଲାଙ୍ଗରେ
ଜୀବାତ୍ମା ଖଣ୍ଡିତ ।
ମିଶିଯାଏ ଲିଙ୍ଗାଜାନୀ,
ଚୋଟ ପରେ ଚୋଟ,
ରକ୍ତ ଛୁଟେ କବନ୍ଧର
ଧରିତିନୀ ତୁଷ୍ଟ ।
ରକ୍ତ ଝରେ କବନ୍ଧର,
ହୁଏ ଆତ୍ମା ହୀନ,
ଧରଣୀରେ, କନ୍ଧ କରେ,
ରକ୍ତର ତର୍ପଣ ।
ତାଜା ରକ୍ତ ଗଡିଯାଏ,
କନ୍ଧର କିଆରୀ,
ଉଲ୍ଲସିତ, କନ୍ଧ ପ୍ରାଣ,
ସ୍ୱପ୍ନର ଲହରୀ ।
ପ୍ରତ୍ୟୁଷରୁ ଜାନୀଚଳେ,
କଟା ମୁଣ୍ଡ ପାଶ,
ରକ୍ତ ଢାଳେ, କୁକ୍କୁଟର
ମାଗଇ ଆଶିଷ ।
କଟା ମୁଣ୍ଡ, ଟେକି ଦେଇ,
ତୋଳିଦିଏ ଅର୍ଘ୍ୟ,
ଜାନୀ ମାଗେ ପ୍ରକୃତିର,
ଆଶୀଷ ଅଲଂଘ୍ୟ ।

ଦେଇଅଛ, ତୁମେ ଲଟା,
ବାନ୍ଧିବାକୁ ବଳୀ,
ଟାଙ୍ଗିଆ କୁରାଢୀ ସବୁ
ତୁମରି ତିଆରି।
ତୁମେତ ପିଇବ ହସି
କବନ୍ଧର ରକ୍ତ
ଅପରାଧ କରିନାହିଁ କନ୍ଧ,
ଆମେ ପାପ ମୁକ୍ତ।
କଟା ମୁଣ୍ଡ, ପାଶେ ଚଳି
କରେ ପ୍ରଦକ୍ଷିଣ,
ଆତ୍ମା ତୁମ, ପହଞ୍ଚିବ
ଦେବ ସିଂହାସନ।
ରକ୍ତ ଢାଳି ପ୍ରକୃତିକୁ
କରେ ବଶୀଭୂତ,
ମାଟିର ସୃଜନ ଶକ୍ତି
ଆଶା ଅପ୍ରମିତ।
ମେଘ ପାଳୁ, ତାଷ ମାଡୁ,
ଶସ୍ୟ ଭରିଯାଉ,
ରୋଗ ହଟୁ, ବାଘ ଆସି
ମଣିଷ ନଖାଉ।
ଆଦିଭୂମି, ଆଦିମ ମଣିଷ,
ଥାଉ ସୁରକ୍ଷିତ,
ଅଳସୀ ହଳଦୀ ମାଡୁ
ବିସ୍ତାରିତ ଖେତ।
କଟା ମୁଣ୍ଡ, ରନ୍ଧାମଦ,
ଅଗ୍ନିପରେ ଥୋଇ,

ସିଦ୍ଧ ମୁଣ୍ଡ ଖାଏ ଜାନୀ
ଶୁଦ୍ଧ ପୁତହୋଇ ।
ତୁମେ ସୃଷ୍ଟି, ବିଲୟର,
ଆଦି ସୃଜନର,
ତପ୍ତ ରକ୍ତ, କବନ୍ଧର,
ତୁମେ ପାନ କର ।
ସୃଷ୍ଟି ରଚ, ପ୍ରକୃତିରେ,
ରକ୍ତ ରାଗିଣୀରେ
ଶାଳପ୍ରାଂସୁ ପ୍ରାଣ ନାଚୁ,
ପୁନଃ ସୃଜନରେ ।

❖❖❖


ଲେଙ୍ଗୁଟି ମଣିଷ

# ଲେଙ୍ଗୁଟି ମଣିଷ


କରେଆର୍ଯ୍ୟ, ବିତାଡିତ,
ଘୁରିବୁଲେ, ଆଦିମ ମଣିଷ,
ଆଉଟା ଅନ୍ଧାର ରାତି,
ସାଥୀତାର, ବିପନ୍ନ ବିଶ୍ୱାସ।
ବାଟଚାଲେ ସାନ୍ଦ୍ର ଅନ୍ଧକାରେ,
ଶଙ୍କାକୁଳ, ଜୀବନ ଅସ୍ୱଷ୍ଟ,
ପାଦେ ପାଦେ ଅଜଣା ଆତଙ୍କ,
ଆଦିମ ଭୋକର କୁହାଟ।
ରାବେ ମୃଗ, ବନସ୍ତରେ,
ପାହାଡରୁ ଖସେ ମହାବଳ,
ଶାବକର ତ୍ରସ୍ତ ଚେତନାରେ,
ବୁନ୍ଦା ବୁନ୍ଦା ରକ୍ତର ଧାର।
ମାଟିରେ, ଆଞ୍ଜୁଡା ଦାଗ,
ରକ୍ତ ଢାଳି ପତର ଠୋଲାରେ,
ଫେରିଯାଏ ରକ୍ତ ମୁଖା ବାଘ,
ହରିଣୀର ଅସ୍ୱଷ୍ଟ ସ୍ମୃତିରେ।
ଢାଲୁ ଢାଲୁ ପାହାଡରେ,
ପଲାମାରି ଲେଙ୍ଗୁଟି ମଣିଷ,
ଘୁରିବୁଲେ ଭୋକ ଉପାସରେ,
ବୁଦାମୂଳେ ଆଖିର ସନ୍ତ୍ରାସ।
ପାହାଡରୁ ଖସିପଡେ ଖରା,
ବର୍ଷା ଆସେ, ଅସରା ଅସରା,
ପୁଚ୍ଛ ମେଲେ, ମାଟିର ମୟୂର,
ଫୁଟିଉଠେ, ଗୋଟି ଗୋଟି ତାରା।

ଶୀତ ଆସେ, ଛପି ଛପି,
କୁହୁଡିରେ, ଭିଜିଯାଏ ମାଟି,
ମହୁଲତ, ମତୁଆଲା କରେ,
ନିଦଭରା ଆଖିରେ ଚହଟି।
ମାଟିତାଡ଼ି, ଡଙ୍ଗର ଭୂଇଁରେ,
ତାଦେହର, ରକ୍ତ ଦାଗ ବୋଳି,
ଆଖିରେ, ତା ସ୍ୱପ୍ନ ସବୁଜିମା,
ପାହାଡରେ, ରଙ୍ଗର ବର୍ଣ୍ଣାଳୀ।
ଢାଳି ଦେଇ, ଝାଳ ତାର,
ଘାରି ହୋଇ, ମଟାଳ ଗନ୍ଧରେ,
କରେ ଚାଷ, ଆଦିମ ମଣିଷ,
ସ୍ୱପ୍ନ ନାଚେ, ମଧୁ ଚନ୍ଦ୍ରିକାରେ।
କାନ୍ଦୁଲ, ବିରି, ବାଜରା,
ହସୁଥାଏ ବିଜନ ଖେତରେ,
ପାଲୁଅ, କୁୟାଁ, ପିପଲ,
ମାଡିଯାଏ ଟାଙ୍ଗରା ଭୁଇଁରେ।
ଭାଙ୍ଗିଦେଇ ସଲପର ଡାଳ,
ପୋତିଦେଇ, ଢାଲୁଆ ଖେତରେ,
ଘଉଡାଏ କୀଟ ଓ ପତଙ୍ଗ,
ଛିଞ୍ଚିଦେଇ, ଗୋବର ପାଣିରେ।
ଶସ୍ୟ ଜଗେ ଶୀତ, ଅନ୍ଧାରରେ,
ପଲାମାରି ନିର୍ଜନ ରାତିରେ,
ଟଙ୍ଗ୍ ଟଙ୍ଗଡା, ବାଜୁଥାଏ ତାର,
ବନ୍ୟଜନ୍ତୁ ତଡିବା ଆଶାରେ,
ଘଡିମରା ଜହ୍ନ ଯେବେ,
ଖସିପଡେ, ପାହାଡ ସେପାରେ,

ବାଘର, ପାହୁଲ ଚିହ୍ନ,
ବୁଦାମୂଳେ, ଫେରିବା ପଥରେ।
ଜଙ୍ଗଲର, ନିଘଞ୍ଚ ରୋମାଞ୍ଚ,
ହଜିଯାଏ ଅନ୍ଧାର ରାତିରେ
ତା ଦେହର, ତାତି ନିଭେ
ପବନର, ପ୍ରତିଟି ସ୍ପର୍ଶରେ।
ଅନାବୃଷ୍ଟି, ଆଣେ ଦୁଃଖ,
ଆଶା ତୁଟେ, ଟାଙ୍ଗରା ଭୂଇଁରୁ,
ଶୁଖିଯାଏ, ଝରଣାର ଝର,
ଉଙ୍କିମାରେ, ଅସ୍ପଷ୍ଟ ସ୍ମୃତିରୁ।
ଆଖି ଘୂରେ, ସଭ୍ୟ ମଣିଷର,
ପୋଛି ନିଏ, ଜଳ ଓ ଜଙ୍ଗଲ,
ଶବ୍ଦଶୂନ୍ୟ ବନାନୀରେ,
ଲୁଚି ବୁଲେ, ଏକାକୀ ଶିଆଳ।
ଲୁଚିଯାଏ ସ୍ୱପ୍ନ ସବୁଜିମା,
ଫେରିଯାଏ, ଚୋରା ଚଇତାଳି
ଢଳେ ସୂର୍ଯ୍ୟ, ଶୁଭେ ନାହିଁ,
ନୀଡରଙ୍କା ପକ୍ଷୀର କାକଳୀ।
ଉଜୁଡା ଖେତର ହସ,
ଲମ୍ବିଯାଏ ମାଇଲ୍ ମାଇଲ୍,
ବାଟ ଚାଲେ, ଲେଙ୍ଗୁଟି ମଣିଷ,
କାନ୍ଧରେ ପକେଇ ଗଣ୍ଠିଲ୍।
ଇଟାଭାଟି, କଳା ଧୂଆଁ,
ଭେଦିଯାଏ, ମାଟିରୁ ଆକାଶ,
ଜୀବନର ତପ୍ତ ଧୂସରତା
ଘାରି ହୁଏ ଲେଙ୍ଗୁଟି ମଣିଷ।

ଭଙ୍ଗାତୁଟା, ସ୍ମୃତି ଯୋଡି,
ସହରରେ, ଫୁଙ୍ଗୁଳା ଛାତିରେ
ଜହ୍ନ ବୁଡେ, ଚଇତି ରାତିର,
ଝୁମ୍ପୁଡିର, ନଗ୍ନ ଅନ୍ଧକାରେ।
ହୁତୁ ହୁତୁ ଜଳେ ସ୍ୱପ୍ନ,
ନିଭିଯାଏ ହସ ଛଳ ଛଳ,
ତା ଆଖିର ଓଳିତଳୁ,
ଖସିପଡେ ବିଷୁବ ସକାଳ।

❖❖❖


ଏଇ ଶାଳବଣ ତଳେ

# ଏଇ ଶାଳବଣ ତଳେ

ଏଇ ଶାଳବଣ ତଳେ,
ସୂର୍ଯ୍ୟ ଯେବେ ଢଳେ,
ଗୋଟି ଗୋଟି ହୋଇ ଫୁଟିଯାଏ ତାରା,
କ୍ଳାନ୍ତ ଚେତନା ତଳେ
ଜହ୍ନର ମଶାଲ ଜଳେ।
ଦିଗନ୍ତ ଲୋହିତ ରବି,
ସଂନ୍ଧ୍ୟା ରାଗର ଛବି,
ଗୋଧୂଳି ଗଗନେ, ଅସ୍ତ ଅରୁଣ,
ରଂଗ ବର୍ଣ୍ଣାଳୀ ଢାଳେ,
ରକ୍ତ ପଳାଶର ରଙ୍ଗ ଚୁମି ଚୁମି,
ଦିଗନ୍ତର ସୂର୍ଯ୍ୟ ଢଳେ
ଏଇ ଶାଳବଣ ତଳେ।
ନୀଡରଙ୍କା ପକ୍ଷୀ ଫେରେ,
କୋଳାରବ ଯେବେ ଭରେ,
ରଜତଶୁଭ୍ର ବନାନୀର ମାୟା,
ଅନ୍ଧାରୀ ମନ ଢଳେ,
ଏଇ ଶାଳବଣ ତଳେ।
ଆକାଶେ ଜହ୍ନର ମଶାଲ,
ମାଟିରେ ବାଘର ପାହୁଲ,
ତ୍ରସ୍ତା ହରିଣୀ ଶାବକଙ୍କୁ ନେଇ,
ଏଇ ବାଟ ଦେଇ ଫେରେ,
ଏଇ ଶାଳବଣ ତଳେ।

ଜ୍ୟୋସ୍ନାର ଅବପାତ,
ରଞ୍ଜିତ ପଦପାତ,
ଜହ୍ନ ଆଲୁଅରେ, ମହୁଲ ବଣରେ,
ଚାଙ୍ଗୁ ଶବଦ ଭରେ,
କନ୍ଧ କିଶୋରୀ ପାଦରେ ନୂପୁର
ମଧୁ ଚନ୍ଦ୍ରିକା ଝରେ
ଏଇ ଶାଳବଣ ତଳେ ।
ଚଇତି ଆକାଶ ଜହ୍ନ,
ଚଇତି ଛୁଆଁ ମନ,
ପ୍ରୀତି ଛଳ ଛଳ, ଛଇଳା କିଶୋରୀ,
ଉଷ୍ମ ପରଶ ଖୋଜେ,
ଶାଳବଣ ତଳେ, ଜହ୍ନ ଛପିଯାଏ,
ଆକାଶରୁ ତାରା ହଜେ ।
ସୋରିଷ ଫୁଲର ହସ,
ମହୁଲ ଫୁଲର ବାସ,
ଦିଗ ଚହଟାଏ, ସ୍ୱପ୍ନ ଭରିଦିଏ,
ନହୁଲୀ ବୟସୀ ହସ ।
ଅସ୍ତ ଜହ୍ନର ମାୟା,
ତରୁଲତା ଫିଙ୍ଗେ ଛାୟା,
ବନାନୀରେ ନିଭେ, ମୃଦୁ ପଦପାତ,
ରାତ୍ରି ବିସ୍ତାରେ କାୟା ।
ପାହାଡ ଘେରା ଅନ୍ଧାର
ପାଦରେ ବିମନା ନୂପୁର,
କ୍ଳାନ୍ତ ପତାରେ, ନଗ୍ନ ଅନ୍ଧାରେ,

ବାଟ ଚିହ୍ନି ଚିହ୍ନି ଫେରେ,
ଏଇ ଶାଳବଣ ତଳେ ।

ପତ୍ର କୁଡିଆରେ,
ପେଜୁଆ ଆଖିରେ,
ଅନ୍ଧାର ଯାଏ ମାଡି,
କାକର ଭିଜା, ମାଟିରେ ପାହୁଲ,
ଚିତ୍ରା ହରିଣୀ ରଡି
ଜହ୍ନ ଯାଇଛି ବୁଡ଼ି
ଡଙ୍ଗର ତଳିଆ ନାଳେ
ଏଇ ଶାଳବଣ ତଳେ ।

❖❖❖

# ସହାୟକ ଶବ୍ଦସୂଚୀ

## ଶାଲବନ୍‌ର ଜନ୍

| | | |
|---|---|---|
| କୁରାଂ | - | ପେଚା |
| କକର୍ କଲିଆ | - | କୋକିଶିଆଳି |
| ଛଲ୍‌କା ଖୋସା | - | ପ୍ରାକୃତିକ ବାଳ ସହିତ ଘୋଡାବାଳ ମିଶାଇ ପାରିଥିବା ଖୋସା |
| କାଜୁଲ୍ | - | ପାଣିକାଚ |
| ମଜୁର | - | ମୟୁର |
| ଝୁମ୍ରା | - | ନିଦ |
| ଝାମି | - | ବେକର ଅଳଙ୍କାର |
| ଭେଲୁଆ | - | ଲଙ୍କାଆମ୍ବ |
| ବରାମାଛି | - | ମହୁମାଛି |

## ମାଙ୍ଗନା ବିବା

| | | |
|---|---|---|
| ତଇଲେ | - | ତୋଲେ |
| ଜାପା | - | ବାଉଁଶ ଚାଙ୍ଗୁଡା |
| ଚିମରା | - | ନିର୍ଜନତା, ଏକାକୀତ୍ୱ ବୋଧ |
| ଖାଡା | - | ଠେକୁଆ |
| ଆଡିକି ବିଡିକି | - | ଇଆଡେ ସିଆଡେ |
| ଚନ୍ଦନଚାଞ୍ଚଡା ଖାଡା | - | ପାହାଡରୁ ଖସୁଥିବା ବଡ ପଥର |
| ଉଇଲ୍ ଉଇଲ୍ | - | ଶୀଘ୍ର ଶୀଘ୍ର |
| କକଡ ଚେଣ୍ଡି | - | କୁଞ୍ଚୁକୁଞ୍ଚିଆ ବାଳ |

| | | |
|---|---|---|
| ଧୁକ୍ ଧୁକାଏଲା | - | ଛାତି ଧଡ ପଡ ହେଲା |
| ପାନି ମାରି କରି | - | ଅସରାଏ ବର୍ଷାପରେ ମୁଲାଏମ୍ ଖରା |
| ଛକଲା ଖରା | | |
| ସିହନା | - | ସଜନା |
| ମେଶ | - | ନିଶଦାଢ଼ି |
| ହିଲାଇଲା | - | ମୁହଁ ମୋଡିଦେଲା |
| ହଣସ | - | ପଣସ |
| ଭେଲୁଆ ଗଚ | - | ଲଙ୍କା ଆମ୍ବ ଗଛ |
| ଚାଉର୍ | - | ଚାଉଳ |
| ପୋଢ଼ | - | ମଇଁଷି |
| ଗିଆସି ଫୁଲ | - | ସୁନାରୀ ଫୁଲ |
| ମାଙ୍ଗନା ବିବା | - | ପ୍ରସ୍ତାବ ବିବାହ |
| ଝାଲିଆନିନା | - | ପୌରୁଷଯୁକ୍ତ |
| ଚଦଲି ଗଚେ ଗଇ | - | ଗୋଧି ଚଢିଗଲା ଯାଇ |
| ଜୀକା | - | ପିକା |

## ଚଇତି ରାତି

| | | |
|---|---|---|
| ଝରନିଆ ଆମା | - | ଝରଣା କୂଳ ଆମ୍ବଗଛ |
| ସୁରୁତୀ | - | ଲମ୍ୱା ବଇଁଶୀ |
| ବଦ୍‌ଲୀ ଫୁଲ | - | ରକ୍ତ ପଳାଶ |
| ଡେଗେଇସି | - | ଛକି |
| ଡଡରା | - | ବାଦ୍ୟଯନ୍ତ |

| | | |
|---|---|---|
| ଘୁଙ୍ଗୁର ବାଡ଼ି | - | ଢ଼େମ୍‌ସା ନାଚରେ ବ୍ୟବହୃତ ବାଡ଼ି ଉପରେ ଘୁଙ୍ଗୁର |
| ସରଗୀ ଖମ୍‌ନେ | - | ଶାଳ ଫୁଲପରି |

**ଡୁଙ୍ଗ ଡୁଙ୍ଗାର ସୁର୍**

| | | |
|---|---|---|
| କୁରାଂ | - | ପେଟ୍ଛ |

**ଶାଳବନ୍‌ର ଶାରୀ**

| | | |
|---|---|---|
| ଆଟଲ | - | ନଈକୂଳରେ ଢିପ ଜମି |
| କାଚ୍ଛ | - | କଞ୍ଚା |
| ଖାଗ୍‌ଲା | - | ବେକର ଅଳଙ୍କାର |
| କୁଣ୍ଡଲି ସିଂଘ୍ | - | ମୋଡି ମୋଡି ଉଠିଥିବା ସିଂଘ |
| ଖୁନ୍ଦୁର୍ ମାନ୍ଦା | - | ଠେକୁଆ |
| ଲମ୍ ବାଡ଼ି | - | ଲବଙ୍ଗ ବାଡ଼ି |

**ବେଣ୍ଟ ପରବ**

| | | |
|---|---|---|
| ଝୁମ୍ରା | - | ନିଦ |
| ନିକର୍ କଲିଆ | - | କୋକିଶିଆଳୀ |
| ସର୍ଗତିମାଇଜୀ | - | ବିବାହ କରିଥିବା ସ୍ତ୍ରୀ |
| କାବ୍ରା ବାଗ୍ | - | ଚିତାବାଘ |

**ମେରିଆ ପରବ**

| | | |
|---|---|---|
| ଦର୍ମୁନ୍ | - | ଆକାଶ |
| ଲିଙ୍ଗାଜାନୀ | - | ଜାନୀକୁ ସହାୟତା କରୁଥିବା ଲୋକ |

**ପୁଷ୍ ପୁନିଆ**

| | | |
|---|---|---|
| ପିତା କୁଟୁଲ୍ | - | ପିଠା |
| ଡେଗେରେସି | - | ଲେପଟେଇଛି |
| ଟଙ୍ଗ୍ ଟଙ୍ଗରା | - | ପକ୍ଷୀ ଘଉଡାଇବା ଯନ୍ତ୍ର |
| ଅତ୍ରା | - | ନିଆଁ |
| ଆଷାଢ଼ ଲେଞ୍ଜୁତାରା | - | ଆଷାଢ଼ ମାସରେ ସୁନ୍ଦର ଓ ପରିଛନ୍ନ ତାରା |
| ଜୁଲି | - | ଝୁଲି |
| ବଘେଇ | - | ବାଘ |
| ତିତ୍ଲି | - | ତିନ୍ତୁଳି |
| ଛେର୍‌ଛେରା | - | ପୁଷ୍‌ପୁନିଆରେ ଝିଅମାନେ ଘର ଘର ବୁଲି ମାଗନ୍ତି |

❖❖❖



**Raghu Nandan Mishra (OAS)**
**Date of Birth: 3rd August 1958**

କବି ଶ୍ରୀ ରଘୁନନ୍ଦନ ମିଶ୍ର

ଜନ୍ମ ତାରିଖ : ୦୩.୦୮.୧୯୫୮

ପ୍ରଥମ କବିତା ସଂକଳନ : ''ଚନ୍ଦ୍ରସେଣାର ବଂଶୀ''

ଗ୍ରାମ-ଜଗନ୍ନାଥପୁର, ପୋ-କାକରୁଦ୍ରପୁର

ଥାନା - ବାଲିଅନ୍ତା, ଜିଲ୍ଲା-ଖୋର୍ଦ୍ଧା

ବୃତ୍ତି - ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ